୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

Vol.27 . No.3 Bhubaneswar Wednesday Feburary 05 2025 | ୨୭ତମ ବର୍ଷ ସଂଖ୍ୟା-୩ ଭୁବନେଶ୍ୱର, ବୁଧବାର, ଫେବୃଆରୀ ୦୫, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS






ଭୁବନେଶ୍ୱର ସାଇ ରିସର୍ଟରେ ଆୟୋଜିତ ପ୍ରଥମ ଶ୍ରାଦ୍ଧବାର୍ଷିକ ସଭାରେ ଉପସ୍ଥିତ ଗଣମାନ୍ୟ ବ୍ୟକ୍ତି ବିଶେଷ ବୃନ୍ଦ



୧୭ତମ ମହାପ୍ରୟାଣ ଦିବସରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

## ଦିଲ୍ଲୀରେ ଓଡିଶା, ହରିୟାଣା ଓ ମହାରାଷ୍ଟ୍ର ଭଳି ଚମତ୍କାର କରିବ କି ବିଜେପି?

ଭୁବନେଶ୍ୱର,୪।୨(ପି.ଏନ): ଆସନ୍ତାକାଲି ଦିଲ୍ଲୀ ବିଧାନସଭା ନିର୍ବାଚନ। ଫେବୃଆରୀ ୫ରେ ଦିଲ୍ଲୀର ପ୍ରାୟ ୧.୫୦ କୋଟିରୁ ଅଧିକ ଭୋଟର ୩ ପ୍ରମୁଖ ରାଜନୀତିକ ଦଳର ଭାଗ୍ୟ ନିର୍ଦ୍ଧାରଣ କରିବ।ମୁଖ୍ୟ ଦଳ ପାଇଁ କେବଳ ଗୋଟିଏ ଲଢ଼େଇ ନୁହେଁ, ବରଂ ବହୁତ କିଛି ଏହାର ଫଳାଫଳ ଉପରେ ନିର୍ଭର କରିବ। ୧୦ ବର୍ଷ ହେଲା କ୍ଷମତାରେ ଥିବା ଆମ ଆଦମୀ ପାର୍ଟି ପାଇଁ ଏହା ସବୁଠାରୁ ବଡ ଲଢ଼େଇ। ନିର୍ବାଚନରେ ପରାସ୍ତ ହେଲେ ଦଳର ଜାତୀୟ ସଂପ୍ରସାରଣ ଲକ୍ଷ୍ୟ ଲାଇନଚ୍ୟୁତ ହୋଇଯିବ। ଦୀର୍ଘ ୨୭ ବର୍ଷ ହେଲା ଦିଲ୍ଲୀ ଦଖଲ ପାଇଁ ଉଦ୍ୟମ କରୁଥିବା ଭାରତୀୟ ଜନତା ପାର୍ଟି ପରାସ୍ତ ହେଲେ ଅନେକ କିଛି ପ୍ରଶ୍ନ ସୃଷ୍ଟି କରିବ। ଆଞ୍ଚଳିକ ଦଳଗୁଡିକ ବିରୋଧରେ ଲଢ଼େଇ କରିବା ପାଇଁ ବିଜେପିର କ୍ଷମତା ନଥିବା ପୁଣିଥରେ ପଦାରେ ପଡିବ।

## ଠେଙ୍ଗାବାହିନୀ ଗଢ଼ି ବିବାଦରେ ବିଜେପି ବିଧାୟକ ବାବୁ ସିଂ,କିଏ କ'ଣ କହିଲେ ?

ଭୁବନେଶ୍ୱର,୪।୨(ପି.ଏନ): ପ୍ରସିଦ୍ଧ ଖଣ୍ଡଗିରି ମେଳାରେ ଅଶ୍ଳୀଳ ନୃତ୍ୟ ପରିବେଷଣକୁ ବିରୋଧ କରି ସ୍ଥାନୀୟ ବିଧାୟକ ବାବୁ ସିଂ ଗଢ଼ିଥିବା ଠେଙ୍ଗାବାହିନୀକୁ ନେଇ ଅଡୁଆ ବଢ଼ିଛି। ଶାସକ ଦଳର ବିଧାୟକ ହୋଇ ଶ୍ରୀ ସିଂ କିଭଳି ଆଇନକୁ କିଭଳି ହାତକୁ ନେବାକୁ ଅନ୍ୟମାନଙ୍କୁ ଉସକାଉଛନ୍ତି ତାକୁ ନେଇ ବିଭିନ୍ନ ମହଲରେ ତୀବ୍ର ବିରୋଧ ପରେ ବାବୁ ସିଂ ନିଜର ଆଭିମୁଖ୍ୟକୁ କୋହଳ କରିଛନ୍ତି। ଜନପ୍ରତିନିଧି ପଛରେ ଆଗ ମାଟିର ପୁଅ ଓ ସଂସ୍କୃତିକୁ ବଂଚାଇବା ତାଙ୍କର ପ୍ରମୁଖ କର୍ତ୍ତବ୍ୟ ବୋଲି କହିବା ସହ ଅଶ୍ଳୀଳତାକୁ ସବୁସ୍ତରରେ ବିରୋଧ ହେଉ ବୋଲି ସେ ଆହ୍ୱାନ ଦେଇଛନ୍ତି ।ଭୁବନେଶ୍ୱର-ଏକାମ୍ର ବିଜେପି ବିଧାୟକ ବାବୁ ସିଂ ସୋମବାର ଖଣ୍ଡଗିରି ପାହାଡରେ ଥିବା ମା' ବାରଭୁଜାଙ୍କ ମନ୍ଦିରରେ ସ୍ଥାନୀୟ ଯୁବକଯୁବତୀଙ୍କୁ ଧରି ଠେଙ୍ଗା ପୂଜା କରିବା ସହ ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳ ନୃତ୍ୟ କରାଗଲେ ଠେଙ୍ଗାବାହିନୀ ଉଚିତ୍ ଜବାବ ଦେବ ବୋଲି ଚେତାବନୀ ଦେଇଥିଲେ । ଯାହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବିଶେଷକରି ରାଜନୀତିକ ଦଳଗୁଡିକ ଶ୍ରୀ ସିଂଙ୍କ ଏଭଳି ବୟାନ




ଓ ଧମକକୁ ନିନ୍ଦା କରି ଶାସକ ଦଳର ବିଧାୟକଙ୍କର ଆଇନ ଉପରେ କାହିଁକି ଭରସା ନାହିଁ ଓ ଠେଙ୍ଗାବାହିନୀ ମାଧ୍ୟମରେ ସେ କ'ଣ ଗୁଣ୍ଡାରାଜ ଚଳାଇବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ।ଯୁବକଂଗ୍ରେସ ନେତା ୟାସିର ନୱାଜ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବିଜେପି ବିଧାୟକ ବାବୁ ସିଂ ଠେଙ୍ଗାବାହିନୀ ଧରି ଅଶ୍ଳୀଳ ନାଚ ବନ୍ଦ କରିବା ଘଟଣାକୁ କଂଗ୍ରେସ ନିନ୍ଦା କରୁଛି । ସମ୍ବିଧାନିକ ପଦପଦବୀରେ ଥାଇ ଆଇନକୁ ହାତକୁ ନେବାକୁ ବିଜେପି ବିଧାୟକ ପଛାଉ ନାହାନ୍ତି ।ଯେଉଁ କାମ ପୁଲିସ ଓ ପ୍ରଶାସନ କରିବା କଥା ସେ କାମ ଶାସକ ଦଳର ବିଧାୟକ କରିବାକୁ ଯାଉଛନ୍ତି । ଯଦି ଆମେ ଡିସିପି ଅଫିସରେ ଠେଙ୍ଗା ଧରି ପଶିବୁ ତାକୁ ସରକାର ଗ୍ରହଣ କରିବେକି ବୋଲି ଶ୍ରୀ ନୱାଜ ପ୍ରଶ୍ନ କରିଛନ୍ତି । ତେଣୁ ନିୟମ ସମସ୍ତଙ୍କ ପାଇଁ ସମାନ । ବାବୁ ସିଂଙ୍କ ଠେଙ୍ଗାବାହିନୀ ଗଠନ ଗ୍ରହଣୀୟ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।ସେହିପରି ସିପିଆଇଏମ୍ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ କହିଛନ୍ତି ଯେ, ଖଣ୍ଡଗିରି ଯାତ୍ରା ମଂଚରେ ସମ୍ଭାବ୍ୟ ଅଶ୍ଳୀଳ ନୃତ୍ୟ ଆଶଙ୍କା କରି ବିଧାୟକ ବାବୁ ସିଂଙ୍କ ଠେଙ୍ଗା ମାଡ ଧମକକୁ ତାଙ୍କ ଦଳ ତୀବ୍ର ନିନ୍ଦା ଓ ପ୍ରତିବାଦ କରୁଛି । ଏହା ହିନ୍ଦୁତ୍ୱବାଦୀ ବିଚାରାଧାରା ।ଅଶ୍ଳୀଳତା ବିରୋଧରେ କହିବାକୁ ଯାଇ ଆଇନକୁ ହାତକୁ ନେବାର ଅଧିକାର ବିଧାୟକ ଓ ତାଙ୍କ ସମର୍ଥକମାନଙ୍କର ନାହିଁ । ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ପୁଲିସର ନିରବତା ଓ ନିଷ୍କ୍ରିୟତା ଯୋଗୁ ରାଜ୍ୟରେ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଆଇନର ଶାସନ ପ୍ରତିଷ୍ଠା କରିବାକୁ ସିପିଆଇଏମ୍ ଦାବି କରିଛି ।

## ସଚିବ-ମନ୍ତ୍ରୀଙ୍କ ଜିଲ୍ଲା ଗସ୍ତ: ସାର୍ବଜନୀନ ହେଉନି ତଥ୍ୟ, ପୋର୍ଟାଲ ବି ଖୋଲିଲେନି, ପୁଣି ଆସିଲା ସାନି ତାଲିକା

ଭୁବନେଶ୍ୱର,୪।୨(ପି.ଏନ): ୨୦୨୩ ଡିସେମ୍ବର ମାସରୁ ଭାରତୀୟ ଭୋଟର ନିଜର ଜନାଦେଶ ମାଧ୍ୟମରେ ରାଜନୀତିକ ପଣ୍ଡିତ ଓ ଭାଷ୍ୟକାରଙ୍କୁ ଭୁଲ ପ୍ରମାଣିତ କରି ଆସୁଛନ୍ତି। କେବଳ ଭୁଲ ପ୍ରମାଣିତ କରୁ ମନାହାନ୍ତି ବରଂ ନିର୍ବାଚନ ରେଜଲ୍ଟ ଦ୍ୱାରା ନିରାଶ ମଧ୍ୟ କରୁଛନ୍ତି। ଭୋଟରମାନେ ଏବେ ପୁଣିଥରେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ପଣ୍ଡିତ ଓ ଭାଷ୍ୟକାରଙ୍କୁ ଆଉ ଏକ ଝଟକା ଦେବାକୁ ସକ୍ଷମ ହେବେ କି ? ଅବଶ୍ୟ ଏକଥା ଫେବୃଆରୀ ୮ରେ ଜଣାପଡିବ। କାରଣ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନର ଫଳାଫଳ ଫେବୃଆରୀ ୮ରେ ପ୍ରକାଶ ପାଇବ।ଫେବୃଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ବଜେଟ ଉପସ୍ଥାପନ କରିଥିଲେ। ଏହାପରେ ଲୋକଙ୍କ ମୁଡ ମାପିବାକୁ ସି-ଭୋଟର ପକ୍ଷରୁ ସର୍ଭେ କରାଯାଇଥିଲା। ଏଥିରୁ ଜଣାପଡିଛି ଯେ ଦିଲ୍ଲୀ ବିଧାନସଭା ନିର୍ବାଚନରେ କାଣ୍ଟେ କି ଟକ୍କର ଦେଖିବାକୁ ମିଳିବ। ତଥାପି ହାୱା ସାମାନ୍ୟ ଆପ୍ ?



ଆବାହକ ଅରବିନ୍ଦ କେଜ୍ରିୱାଲଙ୍କ ସପକ୍ଷରେ ରହିଛି। ସେ ଭାରତୀୟ ଜନତା ପାର୍ଟିକୁ ଦିଲ୍ଲୀରେ ଅଟକାଇବାକୁ ସକ୍ଷମ ହେବେ। କିନ୍ତୁ ସାମ୍ନାକୁ ଆସିଥିବା ତଥ୍ୟ ଓ ସଂଖ୍ୟା କେଜ୍ରିୱାଲଙ୍କୁ ଆଗି ଆଶ୍ୱସ୍ତ କରିପାରିବ ନାହିଁ।ପ୍ରଥମେ ଲୋକପ୍ରିୟତାକୁ ବିଚାରକୁ ନିଆଯାଉ। ଏହା ମଧ୍ୟ ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଫେବୃଆରୀ ୨ରେ ସି-ଭୋଟର କରିଥିବା ସର୍ଭେ ?ରୁ ଜଣାପଡିଛି ଯେ ଦିଲ୍ଲୀର ୪୬% ଭୋଟର କେଜ୍ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଚାହୁଁଛନ୍ତି। ଏହା ଦ୍ୱିତୀୟ ପସନ୍ଦର ମୁଖ୍ୟମନ୍ତ୍ରୀ ଚେହେରା ବିଜେପିର ମନୋଜ ତିୱାରୀଙ୍କ ଠାରୁ ଯଥେଷ୍ଟ ଆଗରେ। ମାତ୍ର ୧୫% ଲୋକ ତିୱାରୀଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁନ୍ତି।

## ମହାକୁମ୍ଭ- ଶ୍ରଦ୍ଧାର ସମାରୋହରେ ସମ୍ମିଳିତ ହୋଇଛନ୍ତି ୩୫ କୋଟି ଜନତା



ଭୁବନେଶ୍ୱର,୪।୨(ପି.ଏନ): ୨୦୨୫ ମହାକୁମ୍ଭ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିଦୃଶ୍ୟରେ ପରିଣତ ହୋଇଛି। ୨୦୨୫ ଫେବ୍ରୁଆରି ୩ ତାରିଖ ସୁଦ୍ଧା ୩୫ କୋଟିରୁ ଅଧିକ ଶ୍ରଦ୍ଧାଳୁ ପବିତ୍ର ସ୍ନାନ ବିଧିରେ ଅଂଶଗ୍ରହଣ କରିଛନ୍ତି। ବସନ୍ତ ପଞ୍ଚମୀର ପବିତ୍ର ଦିନରେ ୨.୩୩ କୋଟିରୁ ଅଧିକ ଶ୍ରଦ୍ଧାଳୁ ତ୍ରିବେଣୀ ସଙ୍ଗମର ପବିତ୍ର ଜଳରେ ସ୍ନାନ କରିଛନ୍ତି। ବିଭିନ୍ନ ରାଜ୍ୟ, ସମ୍ପ୍ରଦାୟ ଏବଂ ଜାତିର ଲୋକମାନେ ଜୀବନରେ ଥରେ ମାତ୍ର ଆସୁଥିବା ଏହି ସୁଯୋଗକୁ ପାଳନ କରିଛନ୍ତି ଓ ମହାକୁମ୍ଭର ବାତାବରଣକୁ ଶ୍ରଦ୍ଧା, ଉତ୍ସାହ ଓ ଏକତାର ଭାବନାରେ ପରିପୂର୍ଣ୍ଣ କରିଛନ୍ତି।ବସନ୍ତ ପଞ୍ଚମୀ ଋତୁ ପରିବର୍ତ୍ତନର ପ୍ରତୀକ ଏବଂ ହିନ୍ଦୁ ପୁରାଣରେ ଜ୍ଞାନର ଦେବୀ ସରସ୍ୱତୀଙ୍କ ଆଗମନକୁ ପାଳନ କରେ। ବସନ୍ତ ପଞ୍ଚମୀର ମହତ୍ତ୍ୱକୁ ସମ୍ମାନ ଜଣାଇ କଳ୍ପବାସୀମାନେ ହଳଦିଆ ରଙ୍ଗର ପୋଷାକ ପିନ୍ଧି ଏହି ପବିତ୍ର ପର୍ବର ମହତ୍ତ୍ୱକୁ ସୂଚାଇଥିଲେ।ପବିତ୍ର ସଂଗମସ୍ଥଳର ଦୃଶ୍ୟ ବେଶ ଅସାଧାରଣ ଥିଲା। ସଙ୍ଗମ କୂଳ ସମ୍ପୂର୍ଣ୍ଣ ଭାବରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ଭର୍ତ୍ତି ହୋଇଯାଇଥିଲା ଏବଂ ନଦୀର ପବିତ୍ର ବାଲି ଜନସମୁଦ୍ରରେ ବୁଡ଼ି ରହିଥିଲା। ଭାରତର ବିଭିନ୍ନ ରାଜ୍ୟ ଯଥା ଦିଲ୍ଲୀ, ହରିୟାଣା, ପଞ୍ଜାବ, ପଶ୍ଚିମବଙ୍ଗ, ଆସାମ, ବିହାର, କେରଳ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟର ଶ୍ରଦ୍ଧାଳୁମାନେ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ସହ ମିଶି ମହାକୁମ୍ଭରେ ବିଶ୍ୱ ଏକତାର ବାର୍ତ୍ତା ଦେଇଥିଲେ। କୋଟି କୋଟି ଲୋକଙ୍କ ସାମୂହିକ ମନ୍ତ୍ର?ଚାରଣରେ ଗଙ୍ଗା, ଯମୁନା ଓ ସରସ୍ୱତୀର ମିଳନସ୍ଥଳ ଭକ୍ତିଭାବନାରେ ଗୁଞ୍ଜରିତ ହେଉଥିଲା।ଚଳିତ ବର୍ଷର ମହାକୁମ୍ଭର ଅନେକ ଅନନ୍ୟ ଦିଗ ମଧ୍ୟରେ ରହିଛି ଇଟାଲୀ, ଅଷ୍ଟ୍ରିଆ, କ୍ରୋଏସିଆ ଏବଂ ଇସ୍ରାଏଲ ଭଳି ଦେଶରୁ ଆସିଥିବା ବିଦେଶୀ ଶ୍ରଦ୍ଧାଳୁଙ୍କ ଉଲ୍ଲେଖନୀୟ ଅଂଶଗ୍ରହଣ। ଏଭଳି ଏକ ଐତିହାସିକ କାର୍ଯ୍ୟକ୍ରମରେ ସାମିଲ ହେବାର ସୁଯୋଗ ପାଇ ଅନେକ ଆଶ୍ଚର୍ଯ୍ୟ ଓ ଆନନ୍ଦ ପ୍ରକାଶ କରିଛନ୍ତି। ଜଣେ ଇଟାଲୀୟ ଭକ୍ତ କହିଛନ୍ତି, "ମୁଁ କିଛି ମିନିଟ୍ ପୂର୍ବରୁ ଏକ ପବିତ୍ର ସ୍ନାନ କରିଥିଲି, ଏବଂ ଏପରି ଅନୁଭବ ଜୀବନରେ କେବଳ ଥରେ ମାତ୍ର ମିଳିଥାଏ। ଲୋକମାନେ ୧୪୪ ବର୍ଷ ଧରି ଏହି ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି ଏବଂ ଏହାର ସାକ୍ଷୀ ହୋଇ ମୁଁ ପ୍ରକୃତରେ ଧନ୍ୟ ଅନୁଭବ କରୁଛି।"ମହାକୁମ୍ଭର ସବୁଠାରୁ ବଡ଼ ଆକର୍ଷଣ ହେଉଛି ନାଗା ସାଧୁଙ୍କ ଉପସ୍ଥିତି, ଯେଉଁମାନେ ଅମୃତସ୍ନାନ ସମୟରେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରରେ ଥିଲେ। ଆହୁରି ମଧ୍ୟ ବସନ୍ତ ପଞ୍ଚମୀ ଅମୃତ ସ୍ନାନକୁ ଯିବାପୂର୍ବରୁ ନାଗାସାଧୁମାନଙ୍କ ଶୋଭାଯାତ୍ରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

# ଋଣଗ୍ରସ୍ତ ଭାରତ ଓ ବିକଶିତ ଭାରତ

ଭୁବନେଶ୍ୱର,୪।୨(ପି.ଏନ): କେନ୍ଦ୍ରୀୟ ବଜେଟ୍ ୨୦୨୫-୨୬ ପାଇଁ ଲୋକସଭାରେ ଆଗତ ହୋଇସାରିଛି। ପ୍ରତ୍ୟେକ ବଜେଟ୍‌ରେ ସବୁବର୍ଗର ଲୋକ କିଛି ନା କିଛି ଲାଭ ପାଇବାର ଆଶା ରଖିଥାନ୍ତି। ଏହି ଆଶାଭିତ୍ତିକ ବଜେଟକୁ ତିନି ଭାଗରେ ବିଭକ୍ତ କରାଯାଇଥାଏ। ପ୍ରଥମ ହେଲା ଖାଲି ହାତ, ଦ୍ୱିତୀୟଟି ବୁଜା ହାତ ଓ ତୃତୀୟଟି ମୁକୁଳା ହାତ। ଏହି ତିନି ପ୍ରକାର ଆଶାୟୀ ବଜେଟରୁ ପାଇବା ପାଇଁ ଆଶା ରଖିଥାନ୍ତି। ଏଥିରେ ବଡ ଶିଳ୍ପପତିଙ୍କ ଠାରୁ ଆରମ୍ଭ କରି ମଧ୍ୟମ ଶିଳ୍ପପତି ଓ ଛୋଟ ଉଦ୍‌ଯୋଗୀ ସମେତ ଚାଷୀ, ଦୋକାନୀ ଓ ବେକାର ରହିଥିବା ଯୁବକ ଯୁବତୀ ରୋଜଗାର ଚାହିଁଥାନ୍ତି। ଯେଉଁ ରୋଜଗାର ପାଇଛନ୍ତି ତାହା ଯେପରି ହାତକୁ ଖସି ନଯାଏ ସେଥିପାଇଁ ସତର୍କ ଥାନ୍ତି ଓ ପାଇଥିବା ରୋଜଗାରକୁ ବ୍ୟବହାର କରି ଅଧିକ କିଛି ରୋଜଗାର କରିବାର ସୁଯୋଗ ଆଶାରେ ଥାନ୍ତି।ଚଳିତ ବଜେଟରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ଇନ୍‌କମ୍ ଟ୍ୟାକ୍ସ (ଆୟକର) ଦେଉଥିବା ମଧ୍ୟମ ବର୍ଗର ଲୋକଙ୍କ ପାଇଁ ଯେଉଁ ଘୋଷଣା କଲେ ସେଥିରେ ଆୟକର ଦେଉଥିବା ବ୍ୟକ୍ତିମାନଙ୍କୁ ନିଶ୍ଚିତ ଭାବରେ କିଛି ଲାଭ ମିଳିବାର ସୂଚନା ରହିଛି। ଟିକସ ରିହାତି ଓ ଟିକସ ପାଇଁ ରହିଥିବା ସ୍ଲାବ୍ ଉପରେ ବିଭିନ୍ନ ଧରଣର ଟିକସ ଧାର୍ଯ୍ୟ ଫଳରେ ନିଶ୍ଚିତ ଭାବେ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ କରୁଥିବା ବ୍ୟକ୍ତି ଏଥିରେ ଲାଭବାନ ହେବେ। ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଂପୂର୍ଣ୍ଣ ଟିକସ ଛାଡ ହୋଇଥିବା କଥା ଯାହା କୁହାଯାଇଛି ସେଥିରେ ଦ୍ୱନ୍ଦ୍ୱ ରହିଛି। ଏହା ଲାଗୁ ହେଲା ପରେ (ଟିକସ ଆଇନ୍ ପାସ୍ ହେଲା ପରେ) ଜଣାପଡିବ ଯେ ୧୨ ଲକ୍ଷ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଟିକସ ଛାଡ ହୋଇଛି କି ନାହିଁ। ହାତ ଖାଲି କରି ବସିଥିବା ଅର୍ଥାତ୍ ରୋଜଗାର ଚାହୁଁଥିବା ବେକାର ଯୁବକ ଯୁବତୀଙ୍କ ପାଇଁ ବର୍ଷକୁ ୧ କୋଟି ନିଯୁକ୍ତି ସୃଷ୍ଟି ହେବ ବୋଲି ଗୋଟିଏ ସୂଚନା ଏହି ବଜେଟ୍‌ରେ ରହିଛି। ତାହା ହେଉଛି ଏମ୍ପ୍ଲଏମେଣ୍ଟ ଲିଙ୍କ୍ ଇନ୍‌ସେନ୍‌ଟିଭ୍, ଯାହାକି ପ୍ରଧାନମନ୍ତ୍ରୀଙ୍କ ଘୋଷିତ ୫ଟି ସ୍କିମ୍ ଅନ୍ତର୍ଭୁକ୍ତ। ଏହି ଯୋଜନାଗୁଡିକରେ ଆସନ୍ତା ୫ ବର୍ଷରେ କେନ୍ଦ୍ରୀୟ ବ୍ୟୟବରାଦ ୨ ଲକ୍ଷ କୋଟି ଟଙ୍କା ରଖାଯାଇଛି। ଏହାର ଉଦ୍ଦେଶ୍ୟ ରହିଛି ଯେ ଆଗାମୀ ୫ ବର୍ଷ ଭିତରେ ୪ କୋଟି ରୋଜଗାର ସୃଷ୍ଟି ହେବ। ଏଇଠି ଦେଖିବାର ଅଛି ଏହି ନିଯୁକ୍ତି କ୍ଷେତ୍ରରେ ଯେଉଁ ରୋଜଗାର ମିଳିବ ତାହା ବେରୋଜଗାରୀଙ୍କୁ ବାର୍ଷିକ ଆବଶ୍ୟକ ମୁତାବକ ଆୟ ଦେଉଛି କି ନାହିଁ। କାରଣ ଏ ପର୍ଯ୍ୟନ୍ତ ଗତ ୧୧ ବର୍ଷ ଭିତରେ ଯେଉଁସବୁ ରୋଜଗାର ସୃଷ୍ଟି କରାଯାଇଛି ସେଥିରେ ବାସ୍ତବ କ୍ଷେତ୍ରରେ ଚଳିଲା ଭଳି ଆୟ ଅନେକଙ୍କୁ ମିଳିନାହିଁ ଏକ ହିସାବରୁ ଜଣାଯାଏ ଯେ ଭାରତର ୮୦ କୋଟି ଲୋକ ୧ ଲକ୍ଷ ଟଙ୍କାରୁ ୩ ଲକ୍ଷ ଟଙ୍କା ଭିତରେ ବର୍ଷକୁ ଆୟ କରିଥାନ୍ତି। ଏମାନଙ୍କ ଆୟ ସୀମିତ ଥିବା ହେତୁ ବ୍ୟୟ ମଧ୍ୟ ସୀମିତ ରହେ। ଯାହାଫଳରେ ବଜାରକୁ ଅଧିକ ଚଳଚଞ୍ଚଳ କରିବା ଓ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ବଜାରର ସହାୟତା ମିଳିବା ସଫଳ ହୋଇନାହିଁ। ଏବର୍ଷର ବଜେଟ୍‌ରେ ଆୟ କରକୁ କୋହଳ କରାଯାଇ ବଜାରକୁ ଚଳଚଞ୍ଚଳ କରିବାର କଥା ଯାହା କୁହାଯାଇଛି ତାହା କେତେଦୂର ସମ୍ଭବ ହେବ, ଦରଦାମ ନିୟନ୍ତ୍ରଣ ଓ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଉପରେ ନିର୍ଭର କରେ। ଦରଦାମ ଜନିତ ବୃଦ୍ଧି ଘଟିଲେ ବଜାରରେ କ୍ରୟବିକ୍ରୟ କମିବ। ଏସବୁ କଥା ଆଗାମୀ ଦିନରେ ଦେଖାଯିବ। ଆୟ ଓ ବ୍ୟୟର ଏ ବଜେଟ୍‌ରେ ଯେଉଁ ଅଟକଳ ରଖାଯାଇଛି ସେଥିରେ ଅନେକ କିଛି ରୋଜଗାର ସୃଷ୍ଟି ହେବା ବା ବଢ଼ିବା ଆଶା କରିବା ବୃଥା। ଖାଲି ହାତକୁ ରୋଜଗାର ସୀମିତ, ପାଇଥିବା ଅର୍ଥ ବଜାରକୁ ଛାଡିବା କ୍ଷେତ୍ରଟି ମଧ୍ୟ ସଂକୁଚିତ ଓ ବିକଶିତ ଭାରତ ଦିଗରେ ଅଧିକ ବ୍ୟୟ କରିବାର କ୍ଷମତା ଚଳିତ ବଜେଟ୍‌ରେ ଦେଖିବାକୁ ମିଳୁନାହିଁ। ଆନ୍ତର୍ଜାତିକ ବଜାରରେ ଭାରତବର୍ଷର ଆର୍ଥିକ ଅବସ୍ଥା ଦୋହଲି ଯାଇଛି। ଏହାର ମୁଖ୍ୟ କାରଣ ଆମେରିକାରେ ନୂତନ ରାଷ୍ଟ୍ରପତି ଭାବେ ଡୋନାଲଡ୍ ଟ୍ରମ୍ପ ଦାୟିତ୍ୱ ନେବାର କିଛି ଦିନ ଭିତରେ ଯେଉଁ ଅର୍ଥନୈତିକ ଘୋଷଣାଗୁଡିକ କରିଛନ୍ତି ତାହାର ପ୍ରଭାବ ଭାରତ ଉପରେ ପଡିଛି। ଭାରତବର୍ଷରେ ବଜେଟ୍ ଆଗତର କିଛିଦିନ ଭିତରେ ସେୟାର ବଜାରରେ କ୍ଷତି ପହଂଚିଥିବା ଲକ୍ଷ୍ୟ କରାଯାଇଛି। ଅପରପକ୍ଷରେ ଟଙ୍କାର ମୂଲ୍ୟ ଆମେରିକୀୟ ଡଲାର ତୁଳନାରେ ୮୭ ଟଙ୍କାକୁ ବୃଦ୍ଧି ପାଇ ଏକ ଐତିହାସିକ ସୀମା ସୃଷ୍ଟି କରିଛି। ଆନ୍ତର୍ଜାତିକ ବଜାରରେ ସୁନାର ଦର ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଭାରତର ଋଣଭାର ବଢ଼ିବାରେ ଲାଗିଛି। ଭାରତ ସରକାରଙ୍କ ଋଣ ୨୦୨୪ ସେପ୍‌ଟେମ୍ବର ସୁଦ୍ଧା ୨୦୩୭ ଟ୍ରିଲିୟନ୍ ଡଲାରରେ ପହଂଚିଛି, ଯାହାକି ୧୯୯୮ ମସିହାରେ ମାତ୍ର ୨୩୨ ଟ୍ରିଲିୟନ ଡଲାର ଥିଲା। ଗତ ୧୧ ବର୍ଷ ଭିତରେ ଭାରତବର୍ଷ ବିଦେଶୀ ଋଣ ଆଣିବାରେ ଐତିହାସିକ ସୀମା ଲଂଘନ କରିଛି। ଏହାର ପ୍ରଭାବ ଆମେ ଭାରତବର୍ଷର ଜନସାଧାରଣଙ୍କ ଉପରେ ଖୁବ୍‌ଶୀଘ୍ର ଅନୁଭୂତ ହେବ। ଅଧିକନ୍ତୁ ଗଚ୍ଛିତ ବିଦେଶୀ ମୁଦ୍ରା ପରିମାଣ କମିବାରେ ଦେଖାଯାଉଛି। ଫଳତଃ ଆଗାମୀ ଦିନରେ ଭାରତର ନେଣଦେଣ କାରବାର ସଂକୁଚିତ ହେବାର ଆଶଙ୍କା ଦେଖାଦେଇଛି। ଆୟ ବୃଦ୍ଧି ଘଟିବ ନାହିଁ, ବଜାର ଚଳଚଞ୍ଚଳ ହେବନାହିଁ। ଏଥିରେ ବାର୍ଷିକ ହାର ୮ ପ୍ରତିଶତ ସାମଗ୍ରିକ ଅଭିବୃଦ୍ଧି ଆଦୌ ସମ୍ଭବ ନୁହେଁ। ଗତ ବର୍ଷମାନଙ୍କରେ ହାରାହାରି ୬ ପ୍ରତିଶତ ଅଭିବୃଦ୍ଧି ହାର ରହିଆସିଛି। ଏଥିରେ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଦେଖିବାର ସ୍ୱପ୍ନ କେବଳ ସ୍ୱପ୍ନରେ ହିଁ ମିଳେଇଯିବ। ଚଳିତ ବଜେଟ୍‌ରେ ସ୍ୱଭାବକୁ ଲକ୍ଷ୍ୟ କଲେ ବର୍ତ୍ତମାନ ଦେଶରେ ପାଖାପାଖି ୮୦ କୋଟି ଲୋକ ପାଉଥିବା ଆୟ ମୁଦ୍ରାସ୍ଫୀତି ଜନିତ ଦୁର୍ଦ୍ଦିନର ଶିକାର ହେବେ ଏବଂ ସେମାନଙ୍କ ଆୟ ମଧ୍ୟ ସଂକୁଚିତ ହେବ। ବ୍ୟୟ ବୃଦ୍ଧି ପାଇବ। ବଜେଟ୍ ସେହି ଶିଳ୍ପପତିମାନଙ୍କର ସମୃଦ୍ଧିରେ ସହାୟକ ହେବ ଯେଉଁମାନେ ବୀମା କମ୍ପାନୀମାନଙ୍କରେ ଅଧିକରୁ ଅଧିକ ନିବେଶ କରିବେ। କାରଣ ଏହି ବଜେଟ୍‌ରେ ବୀମା କମ୍ପାନୀର ବିଦେଶୀ ନିବେଶ ପରିମାଣ ୧୦୦ ପ୍ରତିଶତକୁ ବୃଦ୍ଧି କରାଯାଇଛି ଏବଂ ନିବେଶ କରିବାର ସୁଯୋଗ ସୃଷ୍ଟି ରଖାଯାଇଛି। କୃଷି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବାର ଯାହା ଆଶା କରାଯାଏ ତାହା ଭାରତବର୍ଷରେ କ୍ରମବର୍ଦ୍ଧିଷ୍ଣୁ ଜଳବାୟୁ ପରିବର୍ତ୍ତନ ହେତୁ ବାଧାପ୍ରାପ୍ତ ହେବ। ଭାରତକୁ ଡାଲି ଆମଦାନି କମାଇ ଡାଲି ଜାତୀୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ କରିବାକୁ ଘୋଷଣା ଏହି ବଜେଟ୍‌ରେ କରାଯାଇଛି। ଗତ କିଛିବର୍ଷ ତଳେ ଭାରତର ପୂର୍ବ ରାଜ୍ୟମାନଙ୍କରେ ଡାଲି ଉତ୍ପାଦନ ବୃଦ୍ଧି କରିବାର ସ୍ୱପ୍ନ ଓ ସଂକଳ୍ପ ଦେଖିବାକୁ ମିଳିଥିଲା। ସେଥିରେ ବିଶେଷ କିଛି ଉନ୍ନତି ଘଟିଲା ନାହିଁ। ଡାଲି ଉତ୍ପାଦନକାରୀ ଚାଷୀମାନଙ୍କୁ ଉଚ୍ଚ ହାରର ସର୍ବନିମ୍ନ ସହାୟକ ମୂଲ୍ୟ ଦେବା ସହିତ ସମସ୍ତ ଡାଲିକୁ ଧାନ ଓ ଗହମ ପରି ସଂଗ୍ରହ କରିବାର ବ୍ୟବସ୍ଥା ସରକାରୀ ଭାବରେ ନହେଲେ ଚାଷୀ ଉତ୍ସାହିତ ହେବେନାହିଁ ବା ଅଧିକ ଉତ୍ପାଦନରେ ମନ ନିବେଶ କରିବେ ନାହିଁ।ଠିକ୍ ସେହିପରି ଏମ୍‌ଏସଏମ୍‌ଇ କ୍ଷେତ୍ରରେ ଏହି ବଜେଟ୍ କିଛି ନୂଆ ସୁଯୋଗ ସୃଷ୍ଟି କରିଛି। କିନ୍ତୁ ସେମାନଙ୍କ ଉତ୍ପାଦିତ ପଦାର୍ଥ ବହୁ ଦେଶୀୟ କମ୍ପାନୀମାନଙ୍କ ପ୍ରତିଦ୍ୱନ୍ଦ୍ୱିତାରୁ ମୁକ୍ତ ରଖି ନପାରିଲେ ସେମାନଙ୍କ ଉତ୍ପାଦନ ବଜାରରେ ପହଂଚିବ ସିନା କିନ୍ତୁ ଗରାଖ ବା ଖାଉଟିମାନଙ୍କ ହାତରେ ନପହଂଚିବାର ଆଶଙ୍କା ରହିଛି। ଭାରତବର୍ଷରେ କୃତ୍ରିମ ବୁଦ୍ଧିମତା ବା ଏଆଇ ପ୍ରଯୁକ୍ତିର ବିସ୍ତୃତ ପ୍ରଚଳନ ପାଇଁ ଏହି ବଜେଟ୍‌ରେ ସୂଚନା ମିଳିଛି। ଯେଉଁଠି ପ୍ରତିବର୍ଷ ବେକାରୀ ସଂଖ୍ୟା ବଢ଼ିବାରେ ଲାଗିଛି ସେଠି ଏଆଇର ରୋବଟ ପ୍ରଚଳନ ନିଯୁକ୍ତି କ୍ଷେତ୍ରକୁ ନିଶ୍ଚୟ ସଂକୁଚିତ କରିବ। ଏଥିପାଇଁ ସରକାର ସତର୍କ ରହିବା ଉଚିତ୍। ଏହା ହୁଏତ ବଡ କର୍ପୋରେଟ୍ ହାଉସ୍‌ମାନଙ୍କ ଉତ୍ପାଦନ ଖର୍ଚ୍ଚ କମାଇବାରେ ସହାୟକ ହୋଇପାରେ। କିନ୍ତୁ ନିଯୁକ୍ତି ପଥରେ ପ୍ରତିବନ୍ଧକ ହୋଇ ଛିଡା ହେବ।୨୦୨୫-୨୬ର ବଜେଟ୍ ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ଯେଉଁ ପରିମାଣର ଅଧିକ ବିନିଯୋଗ ସଂକେତ ଦେଇଛି ତାହା କର୍ପୋରେଟ୍ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା ପାଇଁ ଓ ସ୍ୱାସ୍ଥ୍ୟ ବୀମା କମ୍ପାନୀର ସ୍ୱାର୍ଥ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ। ତଳେ ଥିବା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ବା ଶିକ୍ଷା କ୍ଷେତ୍ରରେ ଏଥିରେ କେଉଁ ପରିମାଣରେ ସଂପୃକ୍ତି ରହିବ ଏ ବଜେଟ୍‌ରେ ତା'ର କିଛି ସ୍ପଷ୍ଟ ଚିତ୍ର ନାହିଁ। ଏମ୍‌ଜିନରେଗା ପାଇଁ ଏ ବର୍ଷ ସେପରି କିଛି ଆଖି ଦୃଶିଆ ବ୍ୟୟବରାଦ ହୋଇନାହିଁ।







# ଟି ଟାଇମ୍

## ବୈଜନାଥ ମନ୍ଦିର

ହିମାଚଳ ପ୍ରଦେଶର କାଙ୍ଗଡା ଜିଲ୍ଲାରେ ବୈଜନାଥ ମନ୍ଦିର ଅବସ୍ଥିତ। ଏହି ମନ୍ଦିର ପାଣ୍ଡପଙ୍କ ସମୟରେ ନିର୍ମାଣ କରାଯାଇଥିଲା। ଅଜ୍ଞାତବାସ ସମୟରେ ପାଣ୍ଡବମାନେ ଏହି ମନ୍ଦିରକୁ ନିର୍ମାଣ କରିଥିଲେ ବୋଲି କେହି କେହି ମତ ବ୍ୟକ୍ତ କରିଛନ୍ତି। ମନ୍ଦିର ନିର୍ମାଣ କରିବା ସହ ସ୍ୱର୍ଗକୁ ଯିବା ପାଇଁ ନିଶୁଣୀ ତିଆରି କରିବା ପାଇଁ ଚାହିଁଥିଲେ କିନ୍ତୁ ସୂର୍ଯ୍ୟୋଦୟ ହୋଇଯିବାରୁ ଏହି କାମକୁ ଅଧାରୁ ଛାଡି ପାଣ୍ଡବ ଚାଲିଯାଇଥିଲେ। କୁହାଯାଇଛି ଯେ, ଏହି ମନ୍ଦିରରେ ସ୍ଥାପିତ ହୋଇଥିବା ଶିବଲିଙ୍ଗକୁ ରାବଣ ଶ୍ରୀଲଙ୍କା ନେଇଯାଉଥିଲା। ରାବଣ ଏହି ଲିଙ୍ଗକୁ ନେଇଯାଉଥିବା ଖବର ଜାଣି ଭଗବାନ ଗଣେଷ ରାବଣକୁ ଅଟକାଇ ଥିଲେ। ଫଳରେ ରାବଣ ଶିବଲିଙ୍ଗକୁ ସାଥିରେ ନନେଇ ଉକ୍ତ ସ୍ଥାନରେ ରଖିଦେଇଥିଲା। ସେହିପରି ଉତ୍ତରାଖଣ୍ଡରେ ଥିବା ବୈଦ୍ୟନାଥ ୧୨ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ। ଏଠାରେ ରାବଣ ଶିବଲିଙ୍ଗ ତିଆରି କରି ଶିବଙ୍କୁ ଆରଧନା କରିଥିଲେ। ଏଠାରେ ରାମଲୀଳା ଉତ୍ସବ କରାଯାଇନଥାଏ। ଯଦି କୌଣସି ଦଶତ ରାମଲୀଳା ପାଳନ କରିବା ପାଇଁ ଚେଷ୍ଟା କିଏ କଲା ତା ସହ କିଛି ନା କିଛି ସମସ୍ୟା ଦେଖାଦେଇଥାଏ ବୋଲି ଅନେକ ବିଶ୍ୱାସ କରିଥାନ୍ତି। ଏହି ମନ୍ଦିରରେ ମା' ଦୁର୍ଗାଙ୍କ ବିଭିନ୍ନ ରୂପ ମନ୍ଦିରର ଚାରିପଟେ ରହିଛି।

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ 'ହରାମ୍‌ଖୋର'

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ



ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା' ଶିପ୍ରା ନଦୀ ଉକ୍ତ ବି:କୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଳିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

## ୫୦୦ କୋଟି ବନାମ ୫୦୦ଟଙ୍କା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

# ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

## ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଙ୍ଖାପୁରର ବଡଗାଁଓ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।

ହୈମବତୀ ନନ୍ଦନ ଭୂୟାଁ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ଫେବୃଆରୀ ୫

# ସଡକ ନେଉଛି ଜୀବନ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଗଲା ଜାନୁୟାରୀରେ ଦେଶବ୍ୟାପୀ 'ଜାତୀୟ ସଡକ ସୁରକ୍ଷା ସଚେତନତା ମାସ' ମାସବ୍ୟାପୀ ପାଳିତ ହୋଇଥିଲା । ଏହି ସଚେତନତା ଅଭିଯାନରେ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ସାଧାରଣଜନତା ଅଂଶ ଗ୍ରହଣ କରିଥିଲେ । ସଭାସମିତି, ଶୋଭାଯାତ୍ରା ମାଧ୍ୟମରେ ସଡକ ଦୁର୍ଘଟଣା ନିୟନ୍ତ୍ରଣ କରିବା, ସଡକ ନିୟମ ମାନିବା ଆଦି ମୁଖ୍ୟ ଲକ୍ଷ୍ୟ । ଏହି ମାସବ୍ୟାପୀ ସଚେତନତା ଅଭିଯାନ ମାନିବା ଆଦି ମୁଖ୍ୟ ଲକ୍ଷ୍ୟ । ଏହି ମାସବ୍ୟାପୀ ସଚେତନତା ଅଭିଯାନ କେତେ ସଫଳତା ଆଣି ଦେବ, ତାହା ଭବିଷ୍ୟତ କହିବ । ଆମ ଦେଶରେ ସଡକ ସୁରକ୍ଷା ସଚେତନତା ସପ୍ତାହ ପ୍ରତିବର୍ଷ ପାଳିତ ହୋଇ ଆସୁଥିବା ସତ୍ତ୍ୱେ ଦୁର୍ଘଟଣା ସଂଖ୍ୟା ବଢିବା ସହ ମୃତାହତଙ୍କ ସଂଖ୍ୟା ବଢିବାରେ ଲାଗିଛି । ସରକାରୀ ରିପୋର୍ଟରୁ ଜଣାଯାଇଛି ଯେ, ଆନ୍ତର୍ଜାତିକ ସ୍ତରରେ ସଡକ ଦୁର୍ଘଟଣାରେ ଭାରତ ଶୀର୍ଷରେ ରହିଛି । କେବଳ ଦୁର୍ଘଟଣା ସଂଖ୍ୟା ନୁହେଁ, ମୃତାହତଙ୍କ ସଂଖ୍ୟାରେ ମଧ୍ୟ ବିଶ୍ୱରେ ପ୍ରଥମ ସ୍ଥାନରେ ରହିଛି । ଦେଶରେ ୨୦୧୮ ମସିହାରୁ ଟ୍ରାଫିକ ନିୟମ କଡାକଡି ହୋଇଥିବା ସତ୍ତ୍ୱେ ଏଥିରେ କୌଣସି ପରିବର୍ତ୍ତନ ଘଟିନାହିଁ, ଯାହା କି ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯାଇପାରେ । ଉଲ୍ଲେଖଯୋଗ୍ୟ ମହାମାରୀ କୋରୋନା କାଳ ତଥା ୨୦୨୦ ଓ ୨୦୨୧ ବର୍ଷରେ ସଡକ ଦୁର୍ଘଟଣା ଓ ମୃତାହତଙ୍କ ସଂଖ୍ୟା ସାମାନ୍ୟ ହ୍ରାସ ପାଇଥିଲା । ସରକାରୀ ରିପୋର୍ଟ ଅନୁସାରେ ୨୦୧୯ ମସିହାରେ ୧ଲକ୍ଷ ୫୯ହଜାର, ୨୦୨୨ରେ ୧.୬୯ଲକ୍ଷ ଓ ୨୦୨୩ରେ ୧.୭୩ ଲକ୍ଷ ମୃତ୍ୟୁ ଘଟିଥିଲା । ଯାହା ବର୍ଷକୁ ବର୍ଷ ଦୁର୍ଘଟଣା ଓ ମୃତ୍ୟୁ ସଂଖ୍ୟା ବଢିଚାଲିଥିବା ନେଇ ସ୍ପଷ୍ଟ ସଂକେତ ପ୍ରଦାନ କରେ । ମୃତକଙ୍କ ମଧ୍ୟରେ ୩୫ହଜାରରୁ ଉର୍ଦ୍ଧ୍ୱ ପଥଚାରୀ ହୋଇଥିବାବେଳେ ସ୍କୁଲ, କଲେଜ ବାହାରେ ୧୦ହଜାରରୁ ଉର୍ଦ୍ଧ୍ୱ ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଥିବା ରିପୋର୍ଟ କହେ । ୨୦୨୨ ମସିହାରେ ସର୍ବାଧିକ ୪,୬୧,୩୧୨ଟି ସଡକ ଦୁର୍ଘଟଣା ଘଟିଥିବାବେଳେ ୧,୬୮,୪୯୧ ଜଣଙ୍କ ମୃତ୍ୟୁ ଘଟିଥିଲା । ୪,୪୩,୩୬୬ଜଣ ଗରୁତର ଭାବେ ଆହତ ହୋଇଥିଲେ । ଏହା ନିସନ୍ଦେହ ଯେ, ଏହି ପରିସଂଖ୍ୟାନ ଦେଶରେ କ୍ରମାଗତ ଭାବେ ସଡକ ଦୁର୍ଘଟଣା ସଂଖ୍ୟା ଉପରମୁହାଁ ହୋଇଥିବା ସୂଚନା ଦିଏ । ଏହି ପରିସଂଖ୍ୟାନ ଅନୁଯାୟୀ ଦୁର୍ଘଟଣା ସଂଖ୍ୟା ୧୧.୯ ପ୍ରତିଶତ ବଢିଥିବାବେଳେ ମୃତ୍ୟୁ ସଂଖ୍ୟା ୯.୭ ପ୍ରତିଶତ ଏବଂ ଆହତଙ୍କ ସଂଖ୍ୟା ୧୫.୩ ପ୍ରତିଶତ ପାଇଥିଲା, ଯାହାକି ପୂର୍ବବର୍ଷ ତୁଳନାରେ ଅଧିକ । କେବଳ ଏତିକି ନୁହେଁ, ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥରେ ପ୍ରାୟ ୩୧ପ୍ରତିଶତ ସଡକ ଦୁର୍ଘଟଣା ଏବଂ ୩୬ପ୍ରତିଶତ ମୃତ୍ୟୁ ସଂଖ୍ୟା ବଢି ଯାଇଥିଲା । ସେହି ସମୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ବିଶ୍ୱରେ ସଡକ ଦୁର୍ଘଟଣା ସଂଖ୍ୟା ନିମ୍ନମୁଖୀ ହୋଇଥିବାବେଳେ ଭାରତରେ ଯାନବାହନ ଘନତ୍ୱ ବୃଦ୍ଧି ପାଇବାରେ ଲାଗିଛି । ଆହୁରି ମଧ୍ୟ 'ହୁ' ପକ୍ଷରୁ କୁହାଯାଇଛି ଯେ, ଦ୍ରୁତ ତଥା ବେପରୁଆ ଗାଡିଚାଳନା, ଅସୁରକ୍ଷିତ ରାସ୍ତା ଅବସ୍ଥା ଏବଂ ମଦ୍ୟପାନ, ଟ୍ରାଫିକ ନିୟମ ଉଲଂଘନ, ସିଟବେଲଟ୍ ନପିନ୍ଧିବା ରାସ୍ତା ଦୁର୍ଘଟଣା ବୃଦ୍ଧି ମୂଳ କାରଣ । ଦ୍ରୁତ ତଥା ବେପରୁଆ ଗାଡିଚାଳନା ଯୋଗୁଁ ୭୨.୩ ପ୍ରତିଶତ ଦୁର୍ଘଟଣା ଘଟୁଥିବା ବେଳେ ୭୧.୨୫ ପ୍ରତିଶତ ମୃତାହତ ହେଉଥିବା 'ହୁ' ଉଲ୍ଲେଖ କରିଛି । ତେବେ ଦେଶରେ ରାସ୍ତାର ବିକାଶ ନେଇ ସରକାର ଡିଣ୍ଡିମ ପିଟୁଥିବା ବେଳେ ରାସ୍ତା ନକସାରେ ତ୍ରୁଟି, ରାସ୍ତା ଶୋଚନୀୟ ଅବସ୍ଥା, ଭୁଲ ରାସ୍ତାରେ ଗାଡି ଚାଳନା, ଟ୍ରମ କେୟାର ସେଂଟର ଅଭାବ ଦ୍ରୁତ ତଥା ବେପାରୁଆ ଗାଡି ଚାଳନା, ପ୍ରଶାସନିକ ଯାଂଚରୁ ଅଭାବ ଯୋଗୁଁ ଦୁର୍ଘଟଣା ଏବଂ ମୃତ୍ୟୁ ସଂଖ୍ୟା ବଢିଚାଲିଛି । ମୃତାକଙ୍କ ସଂଖ୍ୟା ଏପରି ବଢିଚାଲିଛି ଯେ, ତାହା ଯେକୌଣସି ମହାମାରରୀର ମୃତ୍ୟୁ ସଂଖ୍ୟାଠାରୁ ଅଧିକ ବୋଲି 'ହୁ' କହିଛି । ସେହିପରି ଦେଶରେ ଜାତୀୟ ରାଜପଥ ସଂଖ୍ୟା ବୃଦ୍ଧି ପାଇଥିବା ସତ୍ତ୍ୱେ ଦୁଇ ଚକିଆଠାରୁ ଆରମ୍ଭ କରି ବଡ ବଡ ଗାଡି ତଥା ଯାନବାହାନ ସଂଖ୍ୟା ଯେପରି ବଢିଚାଲିଛି ତାହା ଅତି ନଗଣ୍ୟ ଥିବା କହିଲେ ଭୁଲ ହୋଇନପାରେ । ଉତରପ୍ରଦେଶ ଭଳି ଦେଶର ବୃହତମ ରାଜ୍ୟରେ ମୋଟ ରାସ୍ତା ସଂଖ୍ୟାର ମାତ୍ର ୫ପ୍ରତିଶତ ଥିବାବେଳେ ଯାନବାହାନ ତୁଳନାରେ ଅତି ନଗଣ୍ୟ । ଯାହାକି ୬୦ପ୍ରତିଶତ ରାସ୍ତା ଦୁର୍ଘଟଣା ଜନିତ ମୃତ୍ୟୁ ଘଟାଉଥିବା କୁହାଯାଏ । ଆହୁରି ମଧ୍ୟ ଦେଶରେ ପ୍ରତି ମିନିଟରେ ୫ଟି ସଡକ ଦୁର୍ଘଟଣା ଘଟୁଥିବା କୁହାଯାଏ । ଆମ ରାଜ୍ୟ ମଧ୍ୟ ସଡକ ଦୁର୍ଘଟଣା ଓ ମୃତାହତ ସଂଖ୍ୟା କ୍ଷେତ୍ରରେ ପଛରେ ନାହିଁ । ଗତ ୧୦ବର୍ଷ ମଧ୍ୟରେ ରାଜ୍ୟରେ ୭୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାବେଳେ ଲକ୍ଷାଧିକ ଆହତ ହୋଇଥିବା ସରକାରୀ ପରିସଂଖ୍ୟାନରୁ ଜଣାଯାଇଛି । ରାଜ୍ୟରେ ସଡକ ଦୁର୍ଘଟଣା ନେଇ ସୁପ୍ରିମକୋର୍ଟ ଉଦବେଗ୍ ପ୍ରକାଶ କରିବା ସହ ନିୟନ୍ତ୍ରଣ ଲାଗି ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ମାତ୍ର ଯାନବାହାନ, ସଡକପଥ ସଂଖ୍ୟା ବୃଦ୍ଧି ସହ ଦୁର୍ଘଟଣା ଓ ମୃତାହତ ସଂଖ୍ୟା ବଢିଚାଲିଛି । ତେବେ ସଚେତନତା ଓ ସୁରକ୍ଷିତ ଗାଡିଚାଳନା ହିଁ ଦୁର୍ଘଟଣାକୁ ରୋକିପାରିବ । ଏହା ମନେ ରଖିବା ଜରୁରୀ ।

# ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାର



ବାଦଲ ଭୂୟାଁ

ଓଡ଼ିଆ ସାହିତ୍ୟର ରୀତି ଯୁଗୀୟ କବିମାନଙ୍କ ମଧ୍ୟରେ ବିଦଗ୍ଧକବି ଅଭିମନ୍ୟୁ ସାମନ୍ତ ସିଂହାର ଅନ୍ୟତମ । ତାଙ୍କ ପିତା ଥିଲେ ବାଲିଆର ଜମିଦାର । ତେଣୁ ସ୍ୱାଭାବିକ ଭାବେ ଅଭିମନ୍ୟୁଙ୍କ ବାଲ୍ୟ କାଳରେ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଥିଲା । ସେ କାଳର ପ୍ରଥା ଅନୁଯାୟୀ ଅଭିମନ୍ୟୁ ସଂସ୍କୃତରେ ଅଳଙ୍କାର ବ୍ୟାକରଣ, ଅମରକୋଷ, ମେଦିନୀକୋଷ, ଗଣିତ, ଜ୍ୟୋତିଃଶାସ୍ତ୍ର, ବେଦ, ଉପନିଷଦ, ବ୍ରାହ୍ମଣ ସଂହିତା ଆଦି ଅଧ୍ୟୟନ କରିଥିଲେ । କୈଶୋରରେ ତାଙ୍କ ଗୁରୁ ଥିଲେ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା । ସେ ଥିଲେ ବୈଷ୍ଣବ । ତେଣୁ ଅଭିମନ୍ୟୁଙ୍କୁ ଏହି ଧର୍ମରେ ଦୀକ୍ଷିତ କରାଇଥିଲେ । ଜମିଦାର ପୁତ୍ର ହୋଇଥିବାରୁ ବିଭିନ୍ନ ଶସ୍ତ୍ର ଚାଳନା, ଅଶ୍ୱାରୋହଣ ଆଦିରେ ସେ ତାଲିମ ପାଇଥିଲେ । ନିୟମିତ ଶିକାରକୁ ଯାଉଥିଲେ । ଥରେ ତାଙ୍କ ହାତରେ ଏକ ଚକ୍ରବାକର ପ୍ରାଣ ଯାଇଥିଲା । ଆଉ ଚକ୍ରବାକୀର କ୍ରନ୍ଦନ, ତାଙ୍କ ହୃଦୟକୁ ବିଗଳିତ କରିଥିଲା । ସେହି ଦିନ ଠାରୁ ସେ ଶିକାର ପରିହାର କରିଥିଲେ । ପୁଣି, ସେ ଥିଲେ ରସିକ ଚିତ୍ରକର । ଚଉଦ ବର୍ଷ ବୟସରେ ବିମଳା ଦେବୀଙ୍କ ସହ ତାଙ୍କର ବିବାହ ହୋଇଥିଲା । ବିମଳା ଦେବୀ ହିଁ ଥିଲେ କବିଙ୍କର ମୁଖ୍ୟ ପ୍ରେରଣାଦାୟିନୀ । ଜମିଦାରୀର ସମସ୍ତ କାର୍ଯ୍ୟ ତଦାରଖ କରୁଥିଲେ କବି-ପତ୍ନୀ ଏବଂ କବି କାବ୍ୟ-ଚର୍ଚ୍ଚାକୁ ପ୍ରାଧାନ୍ୟ ଦେଇଥିଲେ । କୈଶୋରରେ ଅଭିମନ୍ୟୁଙ୍କର କବି ପ୍ରତିଭାର ପରିଚୟ ମିଳିଥିଲା । ବାଘଗୀତ, ଚଢ଼େଇଗୀତ, ଆଦି ତାଙ୍କର କୈଶୋରର ସୃଷ୍ଟି । ଚଢ଼େଇଗୀତରେ ଚଢ଼େଇଙ୍କ ବର୍ଣ୍ଣନା ଅତୀବ ମନୋରମ । ଚକା ଚକା ପକ୍ଷୀ କାଇଆ ଜାତି, ବଳିତା ବେଲଣା କାଠ ଅକୃତି, ମୟୂର କଣ୍ଠିଆ ବଣି ମୁଣ୍ଡିଆ, ବୟସ ସହ ତାଙ୍କର ପାଣ୍ଡିତ୍ୟର ପୂର୍ଣ୍ଣ ପ୍ରକାଶ ଘଟିଥିଲା । ଯୌବନରେ ସେ ରଚନା କରିଥିଲେ ନିଜର ପ୍ରଥମ କାବ୍ୟ ରସକଳା । ତାହା ପରେ ରସବତୀ, ସୁଲକ୍ଷଣା, ପ୍ରେମ ଚିନ୍ତାମଣି, ବିଦ୍‌ଗଧ ଚିନ୍ତାମଣି ଆଦି । ତିନି ଫେବୃଆରୀ ଏହି ରୀତିଯୁଗୀୟ କବିଙ୍କ ଜନ୍ମ ଗ୍ରହଣ ହୋଇଥିଲା ।

*୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୯୨୦୪୬୫୨୦୬୫*



# 'ପ୍ରଥମ ଜନ୍ମରେ ମୁହିଁ ହେଲି କାଳିଦାସ...'




ସୁରେଶ ଚନ୍ଦ୍ର ମହାନ୍ତି

ଓଡ଼ିଆ ଧର୍ମଚେତନା ଓ ଆଧ୍ୟାତ୍ମିକ ଭାବଧାରାରେ ଆଦିକବି ସାରଳା ଦାସ ପ୍ରଖ୍ୟାତ ଓ ପ୍ରତିଟି ଓଡ଼ିଆଙ୍କ ପାଖରେ ଜଣେ ଅତି ଆପଣାର ସୁନାମଧନ୍ୟ ଆଧ୍ୟାତ୍ମିକ ସତ୍ତା ତଥା ଆଦିକବି ଭାବେ ସୁପରିଚିତ । ପଞ୍ଚଦଶ ଶତାବ୍ଦୀର ଓଡ଼ିଆ କବି ସାରଳା ଦାସ 'ଶୂଦ୍ର ମୁନି', 'ଉତ୍କଳବ୍ୟାସ' ତଥା 'ଆଦିକବି' ରୂପେ ସୁପରିଚିତ । ସେ ଗଜପତି କପିଳେନ୍ଦ୍ରଦେବଙ୍କ ସମସାମୟିକ । ଜଗତ୍‌ସିଂହପୁର ଜିଲ୍ଲା ଅନ୍ତର୍ଗତ ଝଙ୍କଡ଼ର କନକପୁର ଗ୍ରାମରେ ସେ ଜନ୍ମ ହୋଇଥିଲେ । ତେବେ ନିର୍ଦ୍ଦିଷ୍ଟ ଭାବେ କେବେ ଜନ୍ମ ହୋଇଥିଲେ, ଜଣାଯାଏ ନାହିଁ । ତାଙ୍କ ପିତୃଦତ୍ତ ନାମ ଥିଲା ସିଦ୍ଧେଶ୍ୱର ପରିଡ଼ା । ମା'ଶାରଳା ଠାକୁରାଣୀଙ୍କ କୃପାରୁ ସେ ମହାକବି ହୋଇପାରିଥିଲେ । ତେଣୁ ସେ ନିଜକୁ 'ଶାରଳାଦାସ' କହୁଥିଲେ । ଶାରଳାଙ୍କ ଦାସରୁ ସାରଳାଦାସ । କୃଷି କର୍ମ ଥିଲା ତାଙ୍କର କୌଳିକ ବୃତ୍ତି । ସେ ଓଡ଼ିଆ ମହାଭାରତର ରଚୟିତା, ବିଲଙ୍କା ରାମାୟଣ ଓ ଚଣ୍ଡୀ ପୁରାଣ ତାଙ୍କର ଅନ୍ୟ ଦୁଇଟି ପ୍ରସିଦ୍ଧ କୃତି । ବ୍ୟାସଦେବ ରଚିତ ମହାଭାରତକୁ ସେ ନିଜସ୍ୱ କଳ୍ପନା ଦ୍ୱାରା ଓଡ଼ିଆ ଭାଷାରେ ପ୍ରାଣବନ୍ତ କରିଥିଲେ । ପଞ୍ଚଦଶ ଶତାବ୍ଦୀରେ କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟ ତଥା ୧୪୨୧ ମସିହା ମାର୍ଗଶୀର ମାସ ବିଚ୍ଛା କୃଷ୍ଣ ପ୍ରତିପଦା ତିଥିରେ ପିତା ଯଶୋବନ୍ତ ମାତା ତୁଳସୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ ସିଦ୍ଧେଶ୍ୱର ପରିଡ଼ା । ଯାହା ଅଧୁନା ଓଡ଼ିଶାର ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଅନ୍ତର୍ଗତ । ପରବର୍ତ୍ତୀ ସମୟରେ ମା'ଶାରଳା ଠାକୁରାଣୀଙ୍କ ଅନୁଗ୍ରହର ନିଜ ସାଧନା ପୀଠ ତେନ୍ତୁଳିପଦା ଗ୍ରାମର ମୁନିଗୋସାଇଁ ପୀଠରେ ଅନେକ କାଳଜୟୀ ଗ୍ରନ୍ଥ ରଚନା କରି ଆଦିକବି ସାରଳା ଦାସ ନାମରେ ପରିଚିତ ହୋଇ ପାରିଥିଲେ ।

ପିଲାଦିନରୁ ପାଠ ପଢ଼ିବାର ସୁବିଧା ନଥିବାରୁ ଶିକ୍ଷା ଗ୍ରହଣ କରିବା ସମ୍ଭବ ନ ଥିଲା । ସେତେବେଳେ ସଂସ୍କୃତ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଥିଲା । ଯାହାଫଳରେ ପଣ୍ଡିତମାନେ ସଂସ୍କୃତ ଶିକ୍ଷା ଲାଭ କରି ପୁରାଣ ପାଠ କରୁଥିଲେ । ତେଣୁ ସାରଳା ଦାସ ଅନୁପ୍ରାଣୀତ ହୋଇ ଜ୍ଞାନି ପଣ୍ଡିତ ମାନଙ୍କ ସହ ମିଶିବାର ସୁଯୋଗ ପାଉଥିଲେ ଓ ନିକଟସ୍ଥ ଗ୍ରାମ ଚାଟଶାଳୀରେ ପାଠ ପଢ଼ିଥିଲେ । ଅପର ପକ୍ଷରେ ଜନଶ୍ରୁତିରୁ ଜଣାଯାଏ ସାରଳା ଦାସ ଜାତସ୍ମର ଥିଲେ । 'ପ୍ରଥମ ଜନ୍ମରେ ମୁହିଁ ହେଲି କାଳିଦାସ, ଦ୍ୱିତୀୟ ଜନମେ ମୁହିଁ ମହା କାଳଧ୍ୱଂସ, ତୃତୀୟ ଜନମେ ମୁହିଁ ସାରଳା ଦାସ କବି, ଏ ମର୍ତ୍ତ୍ୟ ମଣ୍ଡଳେ ଆଉ ଜନମ ଲଭିବି ।' ଅପରପକ୍ଷରେ ସମାଜରେ ସଂସ୍କୃତ ଭାଷା ଶୀର୍ଷ ସୋପାନରେ ପହଞ୍ଚିଥିଲା ସତ କିନ୍ତୁ, ସାଧାରଣ ଜନତା ସଂସ୍କୃତ ଭାଷାର ବୋଧଗମ୍ୟରୁ ବଞ୍ଚିତ ଥିଲେ । ଏହି ଭାଷା ବୈଷମତାକୁ ଦୂର କରିବାକୁ ଯାଇ ସିଦ୍ଧେଶ୍ୱର ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା'ଶାରଳାଙ୍କୁ ଆରଧନା କରି ଲେଖନୀ ତାଳପତ୍ର ଖୋଦା ଧରି ନିର୍ଭିକ ବୋଧଗମ୍ୟ ହେଲାଭଳି କାର୍ଯ୍ୟ କରିଥିଲେ । ଯାହାକୁ ଲୋକମାନେ ସହଜରେ ପାଠ କରିପାରିବେ । ସାରଳା ଦାସ ଯେଉଁ କାବ୍ୟ କବିତା ରଚନା କରିଥିଲେ ସେଥିରେ ଥିଲା ରାମାୟଣ, ମହାଭାରତ ଓ ଭାଗବତ ସେ ବାରମ୍ବାର କହିଛନ୍ତି – 'ସେ ଦେବୀ ପ୍ରସନ୍ନେ କହିଲେ ଆଦିଗ୍ରନ୍ଥ, ଆଦ୍ୟେ ରାମାୟଣ, ଦ୍ୱିତୀୟେ ମହାଭାରତ, ତୃତୀୟେ ପୁଣି ମୁଁ ଲେଖିଲି ଭାଗବତ, ମୂର୍ଖ ଅଜ୍ଞାନ ମୁହିଁ ଅଟଇ ଅପଣ୍ଡିତ ।' ଓଡ଼ିଆ ଭାଷାର ପ୍ରଥମ ପୁରାଣକାର ସାରଳା ଦାସ ଓଡ଼ିଆ ଆଧ୍ୟାତ୍ମିକ, ପୌରାଣିକ ସାହିତ୍ୟିକ ଜଗତରେ ଏକ ବଳିଷ୍ଠ ଭିତ୍ତିଭୂମି ପ୍ରତିଷ୍ଠା କରିଥିଲେ । ସେଥିପାଇଁ ସେ ହେଲେ ଆଦି କବି । ଯେଉଁ କଥା ବସ୍ତୁ ତାହା ଗ୍ରନ୍ଥରେ ଭାଷା ଅତି ସରଳ ଓ ସର୍ବଜନବୋଧ । ଯେଉଁ ସବୁ ଗ୍ରନ୍ଥ ସେ ରଚନା କରିଯାଇଛନ୍ତି, ସେଥିମଧ୍ୟରୁ 'ସାରଳା ମହାଭାରତ' ବୃହତ୍ତମ । ମହାଭାରତରେ ସେ ୧୮ଟି ପର୍ବ ବର୍ଣ୍ଣିତ କରିଯାଇଛନ୍ତି । ସେଥି ମଧ୍ୟରେ ଓଡ଼ିଶାର ସବୁଦିଗକୁ ଲକ୍ଷ୍ୟ କରି ତାର ଭୌଗୋଳିକ ଅବସ୍ଥା ସହ ମଠ ମନ୍ଦିର, ଧର୍ମପୀଠ ଓ ପ୍ରାକୃତିକ ବିଭବକୁ ସ୍ଥାନ ଦେବାରେ ସେ ଭୁଲି ନାହାଁନ୍ତି । ମହାଭାରତରେ ମଧ୍ୟ, ସେ ପ୍ରବଚନ, ନୀତିକଥା ଓ ଲୋକ କଥାକୁ ପ୍ରାଧନ୍ୟତା ଦେଇଛନ୍ତି ।

ସର୍ବଶେଷ ଝଙ୍କଡ଼ବାସନୀ ମା'ଶାରଳାଙ୍କ ଦୈବ କୃପାରୁ ତାଙ୍କର କବିତ୍ୱ ଉଦୟ ହୋଇଥିଲା ବୋଲି ସେ ତାଙ୍କ ରଚିତ ଗ୍ରନ୍ଥ ମାନଙ୍କରେ କହିଛନ୍ତି – 'ସେ ଯାହା ରାତ୍ରରେ କହେ ତାହା ମୁଁ ଲେଖଇ, ମୂର୍ଖ ଅପଣ୍ଡିତ ମୋର ଶାସ୍ତ୍ର ଜ୍ଞାନ ନାହିଁ ।' ଆଜି ଆଦିକବିଙ୍କର ପବିତ୍ର ଶ୍ରାଦ୍ଧୋତ୍ସବ ପ୍ରତିବର୍ଷ ମାଘ ସପ୍ତମୀ ତିଥିରେ ପାଳନ କରାଯାଏ । ଯେଉଁ ମାଟିରେ ସାଧନା କରି ଆଦିକବି ତାଙ୍କର



ଲେଖନୀ ଚାଳନା କରି 'ମହାଭାରତ' ଭଳି ଅପୂର୍ବ ଗ୍ରନ୍ଥ ରଚନା କରିଯାଇଛନ୍ତି ତାଙ୍କର କୃତି ପାଇଁ ଆଜି ଓଡ଼ଆ ଜାତି ଗର୍ବିତ । କବିଙ୍କର ବଂଶଧରମାନେ ତାଙ୍କ ସାଧନାପୀଠ 'ମୁନି ଗୋସାଇଁ ମଠ'ରେ ୧୪୯୫ ମସିହା ମାଘ ଶୁକ୍ଳ ସପ୍ତମୀ ତିଥି ଦିନରୁ ମହାପ୍ରୟାଣ ଦିବସ ପିଣ୍ଡଦାନ କରି ଆସୁଛନ୍ତି । ସେହି ମହାନ କବିଙ୍କର ପୂର୍ଣ୍ୟ ତିଥିରେ ଅଧମ ଭକ୍ତି ପ୍ରଣାମ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ପ୍ରତିଟି ଓଡ଼ିଆଙ୍କ ଭିତରେ ମୁହଁ ସଞ୍ଚର ସଳିତାର ଆଲୋକବର୍ତ୍ତିକା ପରି ପ୍ରତି କ୍ଷଣ ଓ ପ୍ରତି ମୁହୂର୍ତ୍ତରେ ତାଙ୍କ ଦିବ୍ୟ ଆଶୀର୍ବାଦର କୃପା ଆମ ସମସ୍ତଙ୍କ ଉପରେ ଝରିପଡୁ ଏହା ହିଁ ପ୍ରାର୍ଥନା ।

ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ
ତେନ୍ତୁଳିପଦା, ଝଙ୍କଡ଼, ଜଗତସିଂହପୁର,
ଦୂରଭାଷ : ୯୪୩୭୩୧୭୧୭୭

# କୋରାପୁଟର ଗାନ୍ଧୀ : ରାଧାକୃଷ୍ଣ ବିଶ୍ୱାସରାୟ



ଡକ୍ଟର ତପନ କୁମାର ପାଳ

ପ୍ରାକ୍ ସ୍ୱାଧୀନତା କାଳରେ ଅବିଭକ୍ତ କୋରାପୁଟ ଅଞ୍ଚଳର ଜନଜାତି ସଂପ୍ରଦାୟ ମଧ୍ୟରେ ସ୍ୱାଧୀନତାର ଚେତନା ଜାଗ୍ରତ କରିବା ପାଇଁ ଯେଉଁମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ, ସେମାନଙ୍କ ମଧ୍ୟରେ ରାଧାକୃଷ୍ଣ ବିଶ୍ୱାସରାୟ ଅନ୍ୟତମ । ତାଙ୍କୁ କୋରାପୁଟ ଗାନ୍ଧୀ କୁହାଯାଏ । ନୈତିକତାପୂର୍ଣ୍ଣ ମୂଲ୍ୟବୋଧ ରାଜନୀତିରେ ତାଙ୍କର ବିଶ୍ୱାସ ଥିଲା । ଆଜୀବନ ସରଳ ଜୀବନଯାପନ କରିଥିଲେ । ରାଜନୈତିକ ଛନ୍ଦକପଟ, ଷଡ଼ଯନ୍ତ୍ର, ବିଶ୍ୱାସଘାତକତା ଆଦି ଜଣା ନଥିବାରୁ କ୍ଷମତା ରାଜନୀତିରେ ସେ ତିଷ୍ଠିପାରି ନଥିଲେ । ଏକଦା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ହରାଇ ପ୍ରଦେଶ କଂଗ୍ରେସର ସଭାପତି ଆସନ ଅଳଙ୍କୃତ କରିଥିବା ରାଧାକୃଷ୍ଣଙ୍କ ସକ୍ରିୟ ରାଜନୈତିକ ଜୀବନ ଅତି ସଂକ୍ଷିପ୍ତ ଥିଲା । ସେ ଥରଟିଏ ସ୍ୱଳ୍ପ କାଳ ପାଇଁ ରାଜ୍ୟର ଆଦିବାସୀ ଓ ହରିଜନ କଲ୍ୟାଣ ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ସେହି ସମୟରେ ପତିତ ଦଳିତଙ୍କ ବିକାଶ ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ୧୯୫୪-୫୭ ଯାଏ ସେ ରାଜ୍ୟସଭା ସଦସ୍ୟ ଥିଲେ । ତେବେ କଂଗ୍ରେସ ଦଳ ମଧ୍ୟରେ ନୀତି ଆଦର୍ଶରେ ବିଚ୍ୟୁତି ଘଟୁଥିବା ଦେଖି ପ୍ରଥମେ କଂଗ୍ରେସ ତ୍ୟାଗ କରିଥିଲେ ଏବଂ ୧୯୫୭ରେ ସକ୍ରିୟ ରାଜନୀତିରୁ ସୁଦ୍ଧା ଦୂରେଇ ଯାଇଥିଲେ । ତାହାପରେ ମହାତ୍ମା ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ ଏବଂ ଶେଷ ପର୍ଯ୍ୟନ୍ତ କୋରାପୁଟ ଜନଜାତି ସଂପ୍ରଦାୟର ବିକାଶ ପାଇଁ କାର୍ଯ୍ୟ କରିଥିଲେ । ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ପାର୍ବତୀପୁରମରେ ରାଧାକୃଷ୍ଣଙ୍କ ଜନ୍ମ ହୋଇଥିଲା । ତାଙ୍କ ମୂଳ ନାମ ଥିଲା ରାଧାକୃଷ୍ଣ ସାହୁ । ମଉସା ଦାମୋଦର ବିଶ୍ୱାସରାୟ ତାଙ୍କୁ ଶୈଶବରେ ପୋଷ୍ୟ କରିନେବା ଯୋଗୁଁ ସାଙ୍ଗିଆ ବଦଳିଥିଲା । ଜୟପୁରରେ ତାଙ୍କ ବିଦ୍ୟାର୍ଥୀ ଜୀବନ କଟିଥିଲା । ଅର୍ଥାଭାବରୁ ସେ ମହାବିଦ୍ୟାଳୟ ସ୍ତରୀୟ ଶିକ୍ଷାରୁ ବଞ୍ଚିତ ହୋଇଥିଲେ । ବ୍ରିଟିଶ ଶାସନ ବ୍ୟବସ୍ଥାରେ ଜଣେ ସାଧାରଣ କିରାଣି ଭାବେ ତାଙ୍କ କର୍ମମୟ ଜୀବନ ଆରମ୍ଭ ହୋଇଥିଲା । ତେବେ ସ୍ୱାଧୀନତାର ଆହ୍ୱାନ ଏବଂ ଆଦିବାସୀଙ୍କ ଦୁର୍ଦ୍ଦଶା ବ୍ୟଥିତ କରିବାରୁ ଚାକିରି ଛାଡ଼ି ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ । ୧୯୮୪ ମସିହା ଫେବୃୟାରୀ ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା ।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ*

# ଫଟୋରେ ଲାଗିବେ ସ୍ଲିମ



ଅପର୍ଣ୍ଣା ନାୟକ

ଆପଣ ଦେଖିବାକୁ କେମିତି ? ଏ ପ୍ରଶ୍ନଟା ଅନେକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିପାରେ । ଆମେ ଅନେକଙ୍କୁ ଦେଖୁ ସେମାନେ ଫଟୋରେ ଯେଉଁପରି ରୂପ ଓ ସୌନ୍ଦର୍ଯ୍ୟର ବାସ୍ତବରେ କିନ୍ତୁ ସେମାନେ ସେପରି ହୋଇନଥାନ୍ତି । ନିଜକୁ ବିଜ୍ଞାପିତ କରିବା ଓ ଭରା ସୌନ୍ଦର୍ଯ୍ୟଦ୍ୱାରା ଅନ୍ୟମାନଙ୍କୁ ଆକର୍ଷିତ କରିବା ସହ ପ୍ରଭାବିତ କରିବା ପାଇଁ ଅନେକଙ୍କ ଭିତରେ ଆଗ୍ରହ, ଇଛା ଓ ଅଭିଳିପ୍ସା ରହିଥାଏ । ଏହା ଆଜିର ସମୟର କଥା ନୁହେଁ ଏହା ପୂର୍ବ ସମୟରୁ ମଧ୍ୟ ରହି ଆସିଛି । ଆଜିକାଲି ମହିଳା ମାନଙ୍କ ଠାରେ ଫଟୋ ଉଠାଇବାକୁ ନେଇ କେତେ କ୍ରେଜ ରହିଛି ତାହା କାହାକୁ ନ ଜଣା । ସେଲ୍ଫିରେ ସ୍ଲିମ ଏବଂ ଅଇକ୍ୟାଚି ଲୁକ ପାଇବାର ଟ୍ରିକ ମାତ୍ର କେତେଜଣଙ୍କୁ ହିଁ ଜଣାଥାଏ । ଯଦି ଆପଣ ବି ନିଜ ସେଲ୍ଫିକୁ ଆକ୍ଟାଟିଭ କରିବାକୁ ଚାହାନ୍ତି ତେବେ ଜାଣିରଖନ୍ତୁ କେତୋଟି ଟିପ୍ସ ।

ଯଦି ଆପଣଙ୍କ ଫିଗର ମୋଟା ଅବା ଫଟୋରେ ଆପଣ ଆବଶ୍ୟକରୁ ଅଧିକ ମୋଟା ଲାଗୁଥାନ୍ତି ତେବେ କ୍ୟାମେରା ଆଗରେ ନିଜ ଶରୀରକୁ ୪୫ ଡିଗ୍ରୀ ବୁଲାଇ ଠିଆ ହୁଅନ୍ତି । କାରଣ ଏହି ଆଙ୍ଗେଲରେ କ୍ୟାମେରାରେ ସବୁଠୁ ସ୍ଲିମ ଫଟୋ ସୁଟ ହୋଇଥାଏ । କ୍ୟାମେରା ଆଡ଼କୁ ଥିବା ଗୋଡ଼ର ଆଣ୍ଠୁକୁ ସାମାନ୍ୟ ମୋଡ଼ି ରଖନ୍ତୁ । ଏହାଦ୍ୱାରା ଅଣ୍ଟା ପାଖ ମୋଟା ଦେଖାଯାଇ ନଥାଏ । କାନ୍ଧକୁ ଉଠାଇବା ଭଳି ନରଖି ସାମାନ୍ୟ ତଳକୁ କରି ରଖିଲେ ଫଟୋରେ ବେକ ଏବଂ ମୁହଁ ଲମ୍ବା ଓ ପତଳା ଦେଖାଯାଇଥାଏ । ଫଳରେ ଶରୀର ମଧ୍ୟ ଅପେକ୍ଷାକୃତ ସ୍ଲିମ ଲାଗିବ । ଯଦି ସେଲ୍ଫି ନେଉଛନ୍ତି ତେବେ କ୍ୟାମେରାକୁ ନିଜ ମୁଣ୍ଡକୁ ଟିକେ ଉପରକୁ ରଖି ଠିକ ଆଙ୍ଗେଲରେ ଫଟୋ କ୍ଲିକ କଲେ ସୁନ୍ଦର ଓ ପତଳା ଲାଗିବେ ।

ଆପଣଙ୍କ ଅସଲ ସୌନ୍ଦର୍ଯ୍ୟ ବ୍ୟକ୍ତିତ୍ୱ, ପରିଚୟ ଓ ଆଚରଣରେ । ଆଜିର ସମୟକୁ ଦେଖନ୍ତୁ ସୋସିଆଲ ମିଡ଼ିଆରେ ସୌନ୍ଦର୍ଯ୍ୟ ଦେଖାଇ ଅସଲରେ ଅସୌନ୍ଦର୍ଯ୍ୟର କୁରୂପ ଚେହେରାଧାରୀ ଅନେକ ରହିଛନ୍ତି । ଯେଉଁମାନେ କେବଳ ସମାଜକୁ ପଥଭ୍ରଷ୍ଟ କରୁନାହାଁନ୍ତି ଅନେକଙ୍କ ଜୀବନକୁ ମଧ୍ୟ ଭ୍ରଷ୍ଟ କରୁଛନ୍ତି । ଫଟୋ ଉଠାଇବା ଅନେକ ଲୋକଙ୍କ ସଉକ ଓ ପସନ୍ଦ ମଧ୍ୟ । ଦିନକୁ ଦିନ ହାତ ପାହାନ୍ତାରେ ଥିବା ଅତ୍ୟାଧୁନିକ ଆଣ୍ଡ୍ରଏଡ ଫୋନରେ ମଧ୍ୟ ନିଜ ସୌନ୍ଦର୍ଯ୍ୟ ବିଜ୍ଞାପିତ କରିବା ପାଇଁ ଅନେକ ଉପାୟ ମଧ୍ୟ ସବୁ ରହିଛି । ତେବେ ନାରୀର ଅସଲ ସୌନ୍ଦର୍ଯ୍ୟ ତାର ଚରିତ୍ର, ଆଦର୍ଶ ଓ ଅନ୍ୟ ମାନଙ୍କ ପ୍ରତି ଭଲ ପାଇବା ତଥା ଆପଣାର କରିବାର କଳା । ତେଣୁ ଫଟୋ ଉଠା ସୌନ୍ଦର୍ଯ୍ୟରେ କ୍ୟାମେରା ସେଲଫିରେ ନିଜକୁ ସଠିକ ଢ଼ଙ୍ଗରେ ପ୍ରଦର୍ଶିତ କରନ୍ତୁ । ଏହା ନିଜକୁ ଯେତିକି ଖୁସି ଦେବ ଅନ୍ୟ ମାନଙ୍କ ପାଇଁ ଅସଲ ସୁନ୍ଦରତାର କେବଳ କାରଣ ହେବନାହିଁ ବରଂ ପ୍ରେରଣା ଯୋଗାଇବ ।

*ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬*

# ଜାକିର ହୁସେନ ଓ ଇରଫାନ ଅନସାରୀଙ୍କ ମଧ୍ୟରେ ମୌଳିକ ପ୍ରଭେଦ



ଡ. ସମନ୍ୱୟ ନନ୍ଦ

କିଛି ଦିନ ତଳେ ବିଶ୍ୱ ପ୍ରସିଦ୍ଧ ତବଲା ବାଦକ ଜାକିର ହୁସେନଙ୍କ ପରଲୋକ ଘଟିଥିଲା । ତାଙ୍କର ପରଲୋକ ଘଟିବା ପରେ ତାଙ୍କର ଏକ ପୁରୁଣା ସାକ୍ଷାତକାରର ଏକ ଛୋଟ କ୍ଲିପ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏଥିରେ ସେ ତାଙ୍କର ଏକ ପୁରୁଣା ପ୍ରସଙ୍ଗ ଅର୍ଥାତ ତାଙ୍କର ଜନ୍ମ ସମୟର ଏକ ଘଟଣା ବିଷୟରେ ଉଲ୍ଲେଖ କରିଥିଲେ ।

ଜାକିର ହୁସେନଙ୍କ ପିତା ମଧ୍ୟ ତବଲା ବାଦକ ଥିଲେ ଓ ତାଙ୍କର ନାମ ଆଲ୍ଲା ରଖା ଥିଲା । ଏହି କ୍ଲିପରେ ଜାକିର ହୁସେନ ତାଙ୍କର ପୁରୁଣା କଥା ସମ୍ପର୍କରେ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ, "ଜନ୍ମ ଗ୍ରହଣ କରିବା ପରେ ମୋତେ ଘରକୁ ଅଣାଗଲା ଓ ମୋତେ ମୋ ପିତାଙ୍କ କୋଳରେ ରଖି ଦିଆଗଲା । ନବଜାତ ଶିଶୁର କାନରେ ଇସଲାମୀ ପ୍ରାର୍ଥନା ପଢାଯାଇ ତାକୁ ସ୍ୱାଗତ କରାଯିବା ଓ କିଛି ଭଲ ଶବ୍ଦ କହିବାର ପରମ୍ପରା ରହି ଆସିଥିଲା । ଯେତେବେଳେ ମୋ ପିତା ମୋତେ କୋଳରେ ନେଲେ ଓ ନିଜର ଓଠକୁ ମୋର କାମରେ ରଖି ତବଲାର ଲୟକୁ ମୋର କାନରେ ଶୁଣାଇଲେ । ଏହାକୁ ଶୁଣି ସାରିବା ପରେ ମୋ ମା ରାଗି ଯାଇଥିଲେ । ସେ ମୋ ପିତାଙ୍କୁ ପଚାରିଲେ ଯେ, ତୁମେ ଏହା କଣ କରୁଛ ? ତୁମକୁ ନବଜାତ ଶିଶୁ କାନରେ ଇସଲାମୀ ପ୍ରାର୍ଥନା କହିବା କଥା । ତବଲାର ଲୟ ଶୁଣାଇବା କଥା ନୁହଁ ।" ଜାକିର ହୁସେନ ଏହି କ୍ଲିପରେ ଆଗକୁ କହିଥିଲେ ଯେ ମୋର ପିତା ଜଣେ ମୁସଲମାନ ଥିଲେ । ହେଲେ ସେତେବେଳେ ସେ ମୋ ମାଙ୍କୁ ତାଙ୍କ ପ୍ରଶ୍ନର ଉତର ଦେଇ କହିଥିଲେ, ଯେ "ଏହା ହିଁ ହେଉଛି ମୋର ପ୍ରାର୍ଥନା । ମୁଁ ଏହି ଭଳି ପ୍ରାର୍ଥନା କରିଥାଏ । ମୁଁ ମାତା ସରସ୍ୱତୀ ଓ ଭଗବାନ ଗଣେଶଙ୍କ ଉପାସକ । ମୋତେ ଏହି ଜ୍ଞାନ ମୋର ଗୁରୁ ଓ ଶିକ୍ଷକ ମାନଙ୍କ ଠାରୁ ମିଳିଛି । ଏହାକୁ ମୋ ପୁଅକୁ ଦେବାକୁ ଚାହୁଁଛି ।" ତବଲା ବାଦନ ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧ ଥିବା ଜାକିର ହୁସେନ ଶୁଣାଇଥିବା ଏହି ପ୍ରସଙ୍ଗ ବର୍ତ୍ତମାନ ପରିପ୍ରେକ୍ଷୀରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜଣେ ମୁସଲମାନ ହୋଇ ସୁଦ୍ଧା ସେ ଭାରତର ସଂସ୍କୃତିରୁ କଟି ନ ଥିଲେ । ସେ ଜଣେ ନୈଷ୍ଠିକ ମୁସଲମାନ ହେବା ସତ୍ତ୍ୱେ ଜ୍ଞାନ, କଳା ସଂଗୀତ ପାଇଁ ମାତା ସରସ୍ୱତୀଙ୍କୁ ଉପାସନା କରୁଥିଲେ । । ତାଙ୍କ ମଧ୍ୟରେ ଭାରତର ସାଂସ୍କୃତିକ ମୂଲ୍ୟବୋଧ କେତେ ଗଭୀର ଭାବେ ଭର୍ତି ହୋଇ ରହିଥିଲା ଏହା ହେଉଛି ଏକ ପ୍ରମୁଖ ଉଦାହରଣ । ଆଲ୍ଲା ରଖା ହୁଅନ୍ତୁ କିମ୍ବା ଜାକିର ହୁସେନ ହୁଅନ୍ତୁ ଉଭୟ ମୁସଲମାନ ହୋଇଥିଲେ ସୁଦ୍ଧା ନିଜକୁ ହଜାର ହଜାର ବର୍ଷର ଭାରତୀୟ ସଭ୍ୟତା ଓ ସଂସ୍କୃତିରୁ କାଟି ନ ଥିଲେ । ସେମାନେ ମାତା ସରସ୍ୱତୀଙ୍କୁ ଜ୍ଞାନ, କଳା ଓ ସଂସ୍କୃତିର ଦେବୀ ବୋଲି ମନେ କରି ତାଙ୍କୁ ଉପାସନା କରି ଆସୁଥିଲେ ।

ଏବେ ଆଉ ଏକ ଉଦାହରଣ ଉପରେ ଦୃଷ୍ଟି ପକାଇବା । ଘଟଣାଟି ଝାଡଖଂଡର । ରାଜଧାନୀ ରାଂଚିରେ ରାଜେନ୍ଦ୍ର ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ବା ରିମ୍ସ ନାମରେ ଏକ ପ୍ରସିଦ୍ଧ ମେଡିକାଲ କଲେଜ ଅଛି । ଅନ୍ୟ ରାଜ୍ୟ ମାନଙ୍କ ଭଳି ଝାଡଖଣ୍ଡରେ ମଧ୍ୟ ଶିକ୍ଷାନୁଷ୍ଠାନ ମାନଙ୍କରେ ବସନ୍ତ ପଂଚମୀ ଦିନ ମା ସରସ୍ୱତୀଙ୍କ ଆରାଧନା କରାଯାଇଥାଏ । ରାଂଚିର ରିମ୍ସ ମେଡିକାଲ କଲେଜରେ ମଧ୍ୟ ଛାତ୍ର ଛାତ୍ରୀ ମାନେ ବସନ୍ତ ପଂଚମୀ ଦିନ ମା ବାଗଦେବୀଙ୍କୁ ଆରାଧନା କରି ଆସୁଛନ୍ତି । ଚଳିତ ବର୍ଷ ମଧ୍ୟ ଏମବିବିଏସର ଛାତ୍ର ଛାତ୍ରୀ ମାନେ ସରସ୍ୱତୀ ପୂଜା କରିବାକୁ ସମସ୍ତ ପ୍ରକାର ପ୍ରସ୍ତୁତି କରି ସାରିଥିଲେ । ପିଲା ମାନେ ମଧ୍ୟ ଏହି ପୂଜାର୍ଚ୍ଚନା ପାଇଁ ଚାନ୍ଦା ଆଦାୟ କରି ସାରିଥିଲେ । ପାଖାପାଖି ୭୦ ପ୍ରତିଶତ କାମ ସରି ସାରିଥିଲା । ହଠାତ ରିମ୍ସ ପ୍ରଶାସନ ପକ୍ଷରୁ ଏକ ନିର୍ଦ୍ଦେଶନାମା ବାହାରିଥିଲା ଯେଉଁଥିରେ କୁହା ଯାଇଥିଲା ଯେ ରିମ୍ସରେ ସରସ୍ୱତୀ ପୂଜା କରାଯାଇ ପାରିବ ନାହିଁ । ଏଥି ପାଇଁ ଯେଉଁ ତର୍କ ଦିଆଯାଇଥିଲା ତାହା ମଧ୍ୟ ଆଶ୍ଚର୍ଯ୍ୟଜନକ । ଏଥିରେ କୁହାଯାଇଥିଲା ଯେ ରିମ୍ସରେ ଛାତ୍ର ଓ ଅଣଛାତ୍ର ମାନଙ୍କ ମଧ୍ୟରେ ଗଣ୍ଡଗୋଳ ହେବାର ଆଶଙ୍କା ଥିବା କାରଣରୁ ପୂଜା କରାଯାଇ ପାରିବ ନାହିଁ । ପରେ ଜଣା ପଡିଥିଲା ଯେ ଝାଡଖଣ୍ଡର ସ୍ୱାସ୍ଥ୍ୟ ମନ୍ତ୍ରୀ ଇରଫାନ ଆନସାରୀ ଏହା ପଛରେ ଅଛନ୍ତି । ତାଙ୍କର ଚାପ କାରଣରୁ ରିମ୍ସ ପ୍ରଶାସନ ପକ୍ଷରୁ ପୂଜାକୁ କରାଇ ନ ଦିଆଯିବାକୁ ତୁଗଲକୀ ଆଦେଶ କରାଯାଇଥିଲା । ରିମ୍ସ ପ୍ରଶାସନର ଏହି ନିଷ୍ପତି ବିରୁଦ୍ଧରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଥିଲା ଓ ଏହାକୁ ଛାତ୍ର ଛାତ୍ରୀ ମାନେ ଜୋରସୋରରେ ବିରୋଧ କରିଥିଲେ । ସ୍ୱାସ୍ଥ୍ୟ ମନ୍ତ୍ରୀ ଇରଫାନ ଆନସାରୀ ବନ୍ଦ କରାଯିବାର ନିଷ୍ପତିକୁ ସମର୍ଥନରେ ବାହାରିଥିଲେ । ସେ କହିଥିଲେ ଯେ ଆଇନ ଶୃଙ୍ଖଳା ବିଗିଡି ଯିବାର ଆଶଙ୍କାକୁ ଆଖି ଆଗରେ ରଖି ରିମ୍ସରେ ପୂଜା କରିବାକୁ ଅନୁମତି ଦିଆଯାଇ ନାହିଁ । ସେ ଖୋଲାଖୋଲି ଭାବେ ସରସ୍ୱତୀ ପୂଜାର ବିରୋଧରେ ଆସିବା କାରଣରୁ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦ୍ୱିଗୁଣିତ ହେଲା । କେବଳ ଛାତ୍ର ଛାତ୍ରୀ ମାନେ ନୁହନ୍ତି ବରଂ ଅନେକ ବଡ ବଡ ଡାକ୍ତର ମଧ୍ୟ ରିମ୍ସ ପ୍ରଶାସନର ଏହି ଭାରତୀୟ ସଂସ୍କୃତି ବିରୋଧୀ ନିଷ୍ପତିର ବିରୋଧରେ ଖୋଲାଖୋଲି ବାହାରିଥିଲେ । ସୋସିଆଲ ମିଡିଆରେ ଏହାକୁ ନେଇ ପ୍ରବଳ ବିରୋଧ ଦେଖିବାକୁ ମିଳିଥିଲା । ଛାତ୍ର ଛାତ୍ରୀ ଓ ଡାକ୍ତର ମାନେ ସୋସିଆଲ ମିଡିଆରେ ଏହା ବିରୁଦ୍ଧରେ ସ୍ୱର ଉତୋଳନ କରିବାର ଦେଖାଯାଇଥିଲା । ଛାତ୍ର ଛାତ୍ରୀ ମାନେ କହିଥିଲେ ଯେ ରିମ୍ସର ପ୍ରଶାସନରେ ଥିବା ବଡ ବଡ ଲୋକ ମାନେ ସେମାନଙ୍କର ଦାୟିତ୍ୱକୁ ସଠିକ ଭାବେ ନିର୍ବାହ କରି ପାରୁ ନାହାନ୍ତି । ତେଣୁ ନିଜର ବିଫଳତାକୁ ଲୁଚାଇବାକୁ ଯାଇ ଦେଶର ସାଂସ୍କୃତିକ ପରମ୍ପରା ଉପରେ କୁଠାରାଘାତ କରୁଛନ୍ତି । ଏହା ସମ୍ପୂର୍ଣ୍ଣ ଭାବେ ନିନ୍ଦନୀୟ । ଏହାକୁ ନେଇ ବିରୋଧ ବଢିବା ଦେଖି ରିମ୍ସ ପ୍ରଶାସନକୁ ଶେଷରେ ନଇଁବାକୁ ପଡିଥିଲା । ରିମ୍ସ ପ୍ରଶାସନ ତାର ପୂର୍ବବର୍ତି ନିର୍ଦ୍ଦେଶକୁ ବଦଳାଇ ପୁଣି ଥରେ ରିମ୍ସରେ ସରସ୍ୱତୀ ପୂଜା ଆୟୋଜନ କରିବାକୁ ଅନୁମତି ପ୍ରଦାନ କରିଥିଲା । ତେବେ ବର୍ତମାନ ପ୍ରଶ୍ନ ଉଠେ ଯେ ଭାରତରେ ସରସ୍ୱତୀ ପୂଜାକୁ ବିରୋଧ କାହିଁକି ହୁଏ ? ଜ୍ଞାନର ଦେବୀ ମା ସରସ୍ୱତୀଙ୍କୁ ବିରୋଧ କରାଯିବାର ଉଦ୍ଦେଶ୍ୟ କଣ ? ଇରଫାନ ଆନସାରୀ ଭଳି ଲୋକ ମାନେ ଏପରି କାହିଁକି କରନ୍ତି ? ପ୍ରସିଦ୍ଧ ତବଲା ବାଦକ ଜାକିର ହୁସେନ ଯେତେବେଳେ ନିଜକୁ ମା ସରସ୍ୱତୀଙ୍କ ଉପାସକ ବୋଲି କହୁଛନ୍ତି ସେତେବେଳେ ଇରଫାନ ଆନସାରୀ ଭଳି ଲୋକ ମାନେ ସରସ୍ୱତୀ ପୂଜାକୁ ବନ୍ଦ କରିବାକୁ କାହିଁକି ଚାହାନ୍ତି ? ଏଭଳି କରି ସେମାନେ କଣ ଚାହୁଁଛନ୍ତି ?

ଏଠାରେ ଆଉ ଏକ କଥା ମନେ ରଖିବାକୁ ପଡିବ ଇରଫାନ ଆନସାରୀ ଜଣେ ଜଣାଶୁଣା ହିନ୍ଦୁ ବିରୋଧୀ ଓ ଇସଲାମିଷ୍ଟ ନେତା । ତାଙ୍କର କାର୍ଯ୍ୟ ଶୈଳୀ ଉପରେ ଦୃଷ୍ଟି ପକାଇଲେ ତାହା ସ୍ପଷ୍ଟ ହୋଇଯାଏ । ଗତ କିଛି ବର୍ଷ ମଧ୍ୟରେ ଝାଡଖଣ୍ଡର ମୁସଲମାନ ବହୁଳ ଗାଁ ମାନଙ୍କରେ ଥିବା ସରକାରୀ ସ୍କୁଲରେ ଆଉ ରବିବାର ଛୁଟି ହେଉ ନାହିଁ । ଏହି ଗାଁ ମାନଙ୍କରେ ରବିବାର ବଦଳରେ ଶୁକ୍ରବାର ଦିନ ଛୁଟି ହେଉଛି । ଏଥିରେ ମଦ୍ରାସା ଗୁଡିକର କଥା କୁହା ଯାଉ ନାହିଁ ବରଂ ସରକାରୀ ସ୍କୁଲ ଗୁଡିକର କଥା କୁହାଯାଉଛି । ଇସଲାମିଷ୍ଟ ମାନେ ଯେଉଁ ଅଂଚଳରେ ତାଙ୍କର ଜନସଂଖ୍ୟା ଅଧିକ ଅଛି ଓ ଶକ୍ତି ଅଧିକ ଅଛି ସେଠାରେ ସ୍କୁଲ ପ୍ରଧାନ ଶିକ୍ଷକ ଓ ଶିକ୍ଷକ ମାନଙ୍କୁ ଭୟଭୀତ କରି ଓ ଚାପ ପ୍ରୟୋଗ କରି ସରକାରୀ ସାପ୍ତାହିକ ଛୁଟି ରବିବାର ବଦଳରେ ଶୁକ୍ରବାର କରାଉଛନ୍ତି । ରାଜ୍ୟର ଶିକ୍ଷା ବିଭାଗ ନିକଟରେ ଏହାର କୌଣସି ସୂଚନା ନାହିଁ । ସବୁଠାରୁ ବଡ କଥା ହେଲା ଯେ ଇରଫାନ ଆନସାରୀଙ୍କ ନିଜ ଅଂଚଳରେ ଏହି ପରି ଘଟଣା ଅଧିକ ମାତ୍ରାରେ ହେଉଛି । ବିରୋଧୀଙ୍କ ଅଭିଯୋଗ ଯେ ଇରଫାନ ଆନସାରୀଙ୍କ ସମର୍ଥନରେ ଏପରି କାମ ହେଉଛି । ତେଣୁ ଆନସାରୀ କେତେ ସେକୁଲାର ତାହା ଏଥିରୁ ଅନୁମାନ କରାଯାଇ ପାରେ । ଇଣ୍ଡୋନେସିଆ ହେଉଛି ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ମୁସଲମାନ ଦେଶ । ସେଠାରେ ଥିବା ନୋଟରେ ଗଣେଶଙ୍କ ଫଟୋ ଚିତ୍ର ରହିଥାଏ । ସେଠାକାର ଏୟାରୱେଜର ନାମ ହେଉଛି ଗରୁଡ ଏୟାରୱେଜ୍ । ରାମାୟଣ ସେଠାରେ ମଂଚନ କରାଯାଇଥାଏ । ଏ ସମ୍ପର୍କରେ ପଚାରିଲେ ଇଣ୍ଡୋନେସିଆର ଲୋକ ମାନେ କହନ୍ତି ଆମେ ରିଲିଜିୟମ ବଦଳାଇଛୁ, ନିଜ ପୂର୍ବ ପୁରୁଷଙ୍କ ସଂସ୍କୃତିକୁ ବଦଳାଇ ନାହୁଁ । ତେଣୁ ପ୍ରଭୁ ଶ୍ରୀରାମ ହେଉଛନ୍ତି ଆମର ଆଦର୍ଶ । ହେଲେ ଭାରତରେ ଇରଫାନ ଆନସାରୀ ମାନେ ଏଭଳି କାହିଁକି ଭାବୁ ନାହାନ୍ତି । ସେମାନେ ମା ସରସ୍ୱତୀଙ୍କୁ ପୂଜାକୁ ବନ୍ଦ କରିବାକୁ କାହିଁକି ଚେଷ୍ଟା କରୁଛନ୍ତି । ପ୍ରସିଦ୍ଧ ତବଲା ବାଦକ ଜାକିର ହୁସେନଙ୍କ ପରି ନିଜର ପୂର୍ବ ପୁରୁଷଙ୍କ ସଂସ୍କୃତିକୁ ନିଜର ବୋଲି କାହିଁକି ସ୍ୱୀକାର କରୁ ନାହାନ୍ତି । ଏହା କିଛି ପ୍ରଶ୍ନ ଯାହାର ଉତର ଖୋଜା ଯିବାର ଆବଶ୍ୟକତା ରହିଛି ।




# ସନ୍ଥକବି ଭୀମଭୋଇ



ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା । ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା । ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ । ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି । ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର । ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ୍ୟ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି । ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ । ଭୀମ ଭୋଇ ନିଜ ଇଚ୍ଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ । ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ । ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ । ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି 'ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା । ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ' । ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ । ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ । ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ । ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଚନା ସୃଷ୍ଟି କରିଛନ୍ତି । ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି । ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା । ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ । ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା । ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ୍ୟ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ । ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ ।

# ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା । ମା' ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ମାତୃ ଜାତି ଚିର ବନ୍ଦନୀୟା ଓ ମା' ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ । ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା । ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ । ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି । ଫିଲିମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ । ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି । ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଡ଼େ ଦିଶୁଛି ମୋ ପ୍ୟାର । ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ । ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି । ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ । ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ । କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ । ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି । ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ । ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ । ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି । ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରୀପାଠୀ, ହାଡ୍ଡୁ, ଅରବିନ୍ଦ ଷଡଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି । ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି । ଏହାର ସଂଳାପ ଲେଖିଛନ୍ତି ଟୁକୁନା । ଚଳଚିତ୍ରର କାହାଣୀ ସହ ସଂଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି ।

# ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ

ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ । ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ । ଏତଦ୍‌ବ୍ୟତିତ ଲୋକମୁଖରେ ମା'ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ । ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ । ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏହା ଓଡ଼ିଆଣୀ କୁଳବଧୂମାନଙ୍କର ଏକ ନିଆରା ପର୍ବ । କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ କରିଥାନ୍ତି । ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ





ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି ।

ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ । ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି । ମା' ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା ପରେ ମା'ଙ୍କ ପୂଜକ ଗାଧୁଆ ନୀତି



ସମ୍ପନ୍ନ କରିଥାନ୍ତି । ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ । ମା'ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ । ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଳି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି । ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି । ଏହି ସମୟରେ ମା'ଙ୍କ ରୋଷେଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି । ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥାନ୍ତି । ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି । ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି



ଏହି ବନ୍ତକୁ ସାତଥର ପ୍ରଦିକ୍ଷଣ କରିବା ପରେ ବନ୍ତ ଚୂଡ଼ାରେ ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି । ଏହାପରେ ମହିଳାମାନେ ଏକମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ



ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥାନ୍ତି । ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି ।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ । ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ । ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ । ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ । ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା' ରାମଚଣ୍ଡୀ ଉନ୍ନୟନ କମିଟି, ମା' ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି ।



ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା ହଣ୍ଡିଭଙ୍ଗା ଯାତ । କେବଳ ପରମ୍ପରା ରକ୍ଷା କରାଯାଇଥିଲା । ଚଳିତ



ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ । ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାଟଣା ଗ୍ରାମର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ । ୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ ବାଦାମବାଡିର ମା' ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢିଆଳିର ରଘୁନାଥ ଜିୟୁ ରାମନାଟ ସଂସଦ ପକ୍ଷରୁ ଲବକୁଶ ଜନ୍ମ ପରିବେଷଣ କରାଯିବ । ୧୨ ତାରିଖ ଗୁରୁବାର ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା' ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ ସଭା ଓ ରାତ୍ର ୯ଟାରେ





ନୟାଗଡ ପୁଆଣିଆର ମା' ବ୍ରହ୍ମଣ ଦେବୀ ରାମନାଟ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦ୍ରନ ବେହେରା, ଅନିଲ ନାୟକ, ସଦାଶିବ ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ଏମଏସଏମଇ ପାଇଁ ଗରିବଙ୍କୁ ହତାଦର, ନ୍ୟାୟ ଦାବିରେ କଳିଙ୍ଗ ସେନାର ବିକ୍ଷୋଭ

ଭୁବନେଶ୍ୱର,(ପି.ଏନ): ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)କୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ଏଥରର କେନ୍ଦ୍ର ବଜେଟ୍ ରେ ଏଭଳି ଉଦ୍ୟୋଗମାନଙ୍କ ଲାଗି ଋଣ ଗ୍ୟାରେ ିକୁ ଦୁଇଗୁଣା କରାଯିବା ସହ ନିବେଶ ଓ କାରବାର ସୀମାକୁ ଦୁଇଗୁଣା ବୃଦ୍ଧି କରାଯାଇଛି। ଷ୍ଟାର୍ଟଅପ୍ ଗୁଡ଼ିକ ପାଇଁ ଋଣ ଗ୍ୟାରେ ିକୁ ମଧ୍ୟ ଦୁଇଗୁଣା ଅର୍ଥାତ୍ ୧୦ କୋଟିରୁ ୨୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଓଡ଼ିଶା ସରକାର ମଧ୍ୟ ଏହି କ୍ଷେତ୍ରକୁ ଗୁରୁତ୍ୱ ଦେଉଥିବା ଦାବି କରୁଛନ୍ତି। ମାତ୍ର ସରକାରଙ୍କ ଦାବି, ପରିସଂଖ୍ୟାନ ଇତ୍ୟାଦିଠାରୁ ବାସ୍ତବ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ଲଘୁ ଓ କ୍ଷୁଦ୍ର ଉଦ୍ୟୋଗ ଜରିଆରେ ଆତ୍ମନିର୍ଭର ହେବାକୁ ଇଚ୍ଛା ରଖିଥିବା ଗରିବ ଯୁବକମାନେ ବ୍ୟାଙ୍କ ଋଣରୁ ବ ିତ ହେଉଛନ୍ତି ବୋଲି କଳିଙ୍ଗ ସେନା ସୁପ୍ରିମୋ ହେମନ୍ତ ରଥ ଅଭିଯୋଗ କରିଛନ୍ତି।ଏହି ପ୍ରସଙ୍ଗକୁ ନେଇ କଳିଙ୍ଗ ସେନା ପକ୍ଷରୁ ଆଜି ଭୁବନେଶ୍ୱର ରେଳଷ୍ଟେସନରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ବାହାରି ପିଏମଜି ଛକରେ ପହ ିଥିଲା। କ୍ଷୁଦ୍ର ବ୍ୟବସାୟୀ, ନୂତନ ଉଦ୍ୟୋଗୀ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କୁ ଋଣ ନ ଦେବା ପ୍ରତିବାଦରେ ସେନାର ଶତାଧିକ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପିଏମଜି ଛକଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେନା ସୁପ୍ରିମୋ ଶ୍ରୀଯୁକ୍ତ ହେମନ୍ତ ରଥ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତଥାପନ କରି ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ନିମନ୍ତେ ବ୍ୟାଙ୍କ ଋଣ ପ୍ରଦାନରେ ବ୍ୟାପକ ମନମାନିର ତୀବ୍ର ସମାଲୋଚନା କରିଥିଲେ। ସେ କହିଥିଲେ ଯେ କୃଷି ପରେ ଏମଏସଏମଇ ହେଉଛି ଦ୍ୱିତୀୟ ବୃହ ମ କର୍ମନିଯୁକ୍ତି କ୍ଷେତ୍ର। ଆତ୍ମନିର୍ଭରଶୀଳତା ପାଇଁ ଏଠାରେ ବ୍ୟାପକ ସୁଯୋଗ ରହିଛି।ଏସବୁ ଉଦ୍ୟୋଗ ପାଇଁ ବ୍ୟାଙ୍କମାନେ ବିନା ବନ୍ଧକରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବାକୁ ରିଜର୍ଭ ବ୍ୟାଙ୍କର ସ୍ପଷ୍ଟ ଗାଇଡଲାଇନ୍ ରହିଛି। ମାତ୍ର ଦୁର୍ଭାଗ୍ୟର କଥା ହେଉଛି, ବ୍ୟାଙ୍କମାନେ ରିଜର୍ଭ ବ୍ୟାଙ୍କର ଗାଇଡଲାଇନକୁ ମାନୁନାହାନ୍ତି। ବିନା ବନ୍ଧକରେ ଋଣ ଦେବାକୁ ବ୍ୟାଙ୍କ ସିଧା ସିଧା ମନା କରିଦେଉଛନ୍ତି। ଖାଲି ସେତିକି ନୁହେଁ, ୩ ବର୍ଷର ଆଇଟି ରିଟର୍ଣ୍ଣ କାଗଜପତ୍ର ମଧ୍ୟ ମଗାଯାଉଛି। ବାପାଙ୍କ ଋଣ ଟଙ୍କାରେ ପାଠ ପଢ଼ି ଆତ୍ମନିର୍ଭରଶୀଳ ଭାବେ ବ ିବା ପାଇଁ ମନସ୍ଥ କରିଥିବା ଶିକ୍ଷିତ ଗରିବ ଯୁବକଟି ବ୍ୟାଙ୍କ ଋଣ ପାଇବା ପାଇଁ ବନ୍ଧକ କେଉଁଠୁ ଯୋଗାଡ଼ କରିବ? ଷ୍ଟାର୍ଟଅପ୍ ଆରମ୍ଭ କରିବାକୁ ମନସ୍ଥ କରିଥିବା ଗରିବ ଯୁବକଙ୍କ ପାଖରେ ୩ ବର୍ଷର ଆଇଟି ରିଟର୍ଣ୍ଣ କାଗଜପତ୍ର କେଉଁଠୁ ଆସିବ? ବ୍ୟାଙ୍କମାନେ ଏ ସମ୍ପର୍କରେ କେବେ ଚିନ୍ତା କରିଛନ୍ତି କି? ସରକାରଙ୍କ ଏମଏସଏମଇ ଯୋଜନା ତାହେଲେ କାହା ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଶ୍ନ କରିଥିଲେ କଳିଙ୍ଗ ସେନା ସୁପ୍ରିମୋ।ଶ୍ରୀ ରଥ ଆହୁରି କହିଥିଲେ ଯେ ବଡ଼ ବଡ଼ ପୁଞ୍ଜିପତିଙ୍କୁ ଲକ୍ଷ ଲକ୍ଷ କୋଟି ଟଙ୍କାର ଋଣ ଛାଡ଼ କରାଯାଉଥିବା ବେଳେ ଓଡ଼ିଶାର ଗରିବ ଶିକ୍ଷିତ ଯୁବକ/ଯୁବତୀମାନଙ୍କୁ ନୂତନ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ବ୍ୟାଙ୍କମାନେ ପ୍ରୋତ୍ସାହନ ଓ ସହଯୋଗ କରୁନାହାନ୍ତି। ବିନା ବନ୍ଧକରେ ୧୦ ଲକ୍ଷ ଟଙ୍କା ଋଣ ବି ଦେଉନାହାନ୍ତି। ଯାହା କି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏ ଦିଗରେ ରାଜ୍ୟ ସରକାରଙ୍କ ଉଦାସୀନତା ଆହୁରି ଦୁଃଖଦାୟକ। ଋଣ ପ୍ରଦାନରେ ବ୍ୟାଙ୍କମାନଙ୍କର ମନମାନି ଏବଂ ବାଛ ବିଚାରକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ସେ ଚେତାବନୀ ଦେଇଥିଲେ। ଋଣ ପାଇଁ ଆବେଦନ କରିଥିବା ନୂତନ ଲଘୁ ଓ କ୍ଷୁଦ୍ର ଉଦ୍ୟୋଗୀଙ୍କ ଲାଗି ବ୍ୟାଙ୍କ ପ୍ରତିବନ୍ଧକ ହଟାଇ ରିଜର୍ଭ ବ୍ୟାଙ୍କ ଗାଇଡଲାଇନ ଆଧାରରେ ତୁରନ୍ତ ଋଣ ପ୍ରଦାନ କରିବାକୁ ଶ୍ରୀ ରଥ ଦାବି କରିଥିଲେ। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଶ୍ରୀ ରଥ ଚେତାବନୀ ଦେଇଛନ୍ତି। କଳିଙ୍ଗ ସେନା ସୁପ୍ରିମୋ ଶ୍ରୀ ରଥଙ୍କ ନେତୃତ୍ୱରେ ଅନୁଷ୍ଠିତ ଆଜିର ଏହି କାର୍ଯ୍ୟକ୍ରମରେ ସେନା ସାଧାରଣ ସମ୍ପାଦକ ଇଂ ମନୋଜ ନାୟକଙ୍କ ସହିତ ସୁଧାକର ବେହେରା, ଅଶୋକ ସ୍ୱାଇଁ, ହିମାଂଶୁ ନାୟକ, ମଧୁସୂଦନ ସାହୁ, ମୋନାଲିସା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି। ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି। ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି। ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା। ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା। ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ। ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି। ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି। ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି। ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୂକ୍ତ କରାଗଲା। ଏହି ର୍ୟାକେଡ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି। ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧ୍ୟକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି। ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି।

## କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି। ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି। ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି। ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା। ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ାୟତ ସମେତ ମଳଦା, ଫୁଲଝର, କୁମୁଣ୍ଡି, ଶୁଆକାଟୀ, ବାଂଶପାଳ ଆଦି ପ ାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ। ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା। ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ। ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୁଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା। ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଅନେକ ସମୟରେ ମିଥ୍ୟା ଓ ଭି ିହୀନ ଅଭିଯୋଗ କରି କାରଖାନା କ ୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉ େଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି। ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି। କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ। ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି। ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

## ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା। ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି। ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି। ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା। ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି। ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ। କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି। ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି। ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି। କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି। ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି।

## ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ବୃକ୍ଷରୋପଣ,ଦିବ୍ୟାଙ୍ଗ ଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଢେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା। ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




2025-2026

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Wednesday February 05 | ଭୁବନେଶ୍ବର ବୁଧବାର, ଫେବୃଆରୀ ୦୫,୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com

# ଯୁବ ଉଦ୍ୟୋଗୀଙ୍କୁ ସଶକ୍ତ କରିବା ନେଇ କିଟ୍‌ରେ 'ବ୍ରିକ୍‌ସ ଯୁବ ପରିଷଦ ଉଦ୍ୟୋଗିକତା ପ୍ରାକ୍-ପରାମର୍ଶ' ସମ୍ମିଳନୀ



ଭୁବନେଶ୍ବର,(ପି.ଏନ): ଯୁବ ଉଦ୍ୟୋଗୀଙ୍କୁ ସଶକ୍ତ କରିବା ନେଇ କିଟ୍‌ରେ 'ବ୍ରିକ୍‌ସ ଯୁବ ପରିଷଦ ଉଦ୍ୟୋଗିକତା ପ୍ରାକ୍-ପରାମର୍ଶ' କାର୍ଯ୍ୟକ୍ରମ ମଙ୍ଗଳବାର କିଟ୍‌ରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ମନ୍ତ୍ରାଳୟ, ଗ୍ଲୋବାଲ୍ କାଉଣ୍ଟର ଟେରୋରିଜିମ୍ କାଉନ୍‌ସିଲ୍ (ଜିସିଟିସି), କିଟ୍ ଟିବିଆଇ ଓ କିଟ୍ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶ୍ରୀମତୀ ପାଢ଼ୀ କହିଲେ, ଶିଳ୍ପର ବିକାଶ ବିନା କୌଣସି ରାଜ୍ୟ ବା ଦେଶ ସମୃଦ୍ଧ ହୋଇପାରିବ ନାହିଁ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଉଦାହରଣ ଦେଇ ସେ କହିଲେ ମଧୁବାବୁ ଓଡ଼ିଶାକୁ ଶିଳ୍ପ ସଶକ୍ତ କରିବା ପାଇଁ ପ୍ରଥମେ ଚିନ୍ତା କରି ସେତେବେଳେ ଉତ୍କଳ ଟ୍ୟାନେରୀ ଓ ସମବାୟ ଆନ୍ଦୋଳନ ଆରମ୍ଭ କରିଥିଲେ। ଓଡ଼ିଶାର ତାରକସୀ କାମକୁ ସେ ବ୍ରିଟିଶ୍ ପାର୍ଲାମେଣ୍ଟରେ ପହଞ୍ଚାଇ ପାରିଥିଲେ। ଆଜି ଓଡ଼ିଶା ସରକାର ମଧ୍ୟ ଯୁବ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରୁଛନ୍ତି ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ। ସମ୍ମାନୀୟ ଅତିଥି ଭାବେ ଜିସିଟିସି କାର୍ଯ୍ୟକାରିଣୀ ସଦସ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ କମଲ ଜିତ ସିଂହ ଭାରତରେ ଷ୍ଟାର୍ଟଅପ୍ ବ୍ୟବସ୍ଥାର ବ୍ୟାପକ ବୃଦ୍ଧି ହୋଇଥିବା ସୂଚନା ଦେଇ କହିଲେ, ସଂପ୍ରତି ଭାରତରେ ୧ଲକ୍ଷ ୩୦ ହଜାର ଷ୍ଟାର୍ଟ ଅପ୍ ରହିଛି। ଭାରତ ଏବେ ବିଶ୍ୱର ୪ର୍ଥ ଷ୍ଟାର୍ଟ-ଅପ୍ ହବ୍ ହୋଇପାରିଛି। ଏହି ସବୁ ଷ୍ଟାର୍ଟ ଅପ୍ ପାଇଁ ଏଆଇ ଏକ ଚ୍ୟାଲେଞ୍ଜ ହୋଇପାରେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ମାତା ସୁନ୍ଦରୀ କଲେଜ ଫର ୱିମେନ୍ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧାପିକା ପ୍ରଫେସର ପାରମିତା ଦତ୍ତ ବ୍ରିକ୍‌ସ ଉପରେ ସୂଚନା ଦେଇ କହିଲେ, ୨୦୨୩ରେ ବ୍ରିକ୍‌ସ ଆରମ୍ଭ ହୋଇଥିଲା। ଯୁବଗୋଷ୍ଠୀଙ୍କୁ ବୈଶ୍ୱିକ ସମସ୍ୟାର ସମ୍ମୁଖୀନ ହେବା ସହ ସଶକ୍ତ ହେବା ଦିଗରେ ଆରମ୍ଭ କରାଯାଇଥିବା ବ୍ରିକ୍‌ସରେ ଏବେ ୩୫ବର୍ଷରୁ କମ୍ ବୟସର ଥିବା ୬୫ ପ୍ରତିଶତ ଯୁବକଯୁବତୀ ଏଥିରେ ଯୋଗ ଦେଇସାରିଲେଣି। ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଇନୋଭେସନ୍, ଏଣ୍ଟ୍ରେପ୍ରେନରସିପ ଆଣ୍ଡ ଭେଞ୍ଚର ଡେଭେଲପମେଣ୍ଟ ଉପରେ କିଟ୍ ବିଶ୍ୱବିଦ୍ୟାଳୟରେ ଏକ ଏମ୍‌ବିଏ ପାଠ୍ୟକ୍ରମର ଶୁଭାରମ୍ଭ ହୋଇଥିବା ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ଗବେଷଣା ଓ ବିକାଶ ବିଭାଗ ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ସୁଆର ସ୍ୱାଗତ ଭାଷଣ ଦେଇଥିବା ବେଳେ ଭୁବନେଶ୍ୱର ସିଟି ନଲେଜ ଇନୋଭେସନ୍ କ୍ଲଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନମ୍ରତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ ଅନୁଷ୍ଠାନରୁ ୭ଶହ ଛାତ୍ରଛାତ୍ରୀ ପ୍ରତିନିଧି ଯୋଗଦେଇଥିବା ବେଳେ ୧୬୦ଜଣ ସେମାନଙ୍କ ଷ୍ଟାର୍ଟଅପ୍ ପରିକଳ୍ପନା ପ୍ରଦର୍ଶିତ କରିଥିଲେ। ଶ୍ରେଷ୍ଠ ବିବେଚିତ ୫ଟି ଷ୍ଟାର୍ଟଅପ୍‌କୁ ୨୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

# ଦିଲ୍ଲୀରେ ବିଜେପି ବିଧାୟକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ଢେଙ୍କାନାଳ ସାଂସଦ ରୁଦ୍ର ପାଣି



ଅନୁଗୁଳ,(ପି.ଏନ): ଦିଲ୍ଲୀରେ ବିଧାନସଭା ନିର୍ବାଚନ ଫେବୃଆରୀ ୫ ତାରିଖରେ ହେବ। ବିଜେପି ପ୍ରାର୍ଥୀ ଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ସମେତ ବିଭିନ୍ନ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନେ ପ୍ରଚାର କରିଛନ୍ତି ।ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମଧ୍ୟ ଦିଲ୍ଲୀର ଉତ୍ତମ ନଗର ରେ ବିଜେପି ବିଧାୟକ ପ୍ରାର୍ଥୀ ପବନ ଶର୍ମା ଙ୍କ ଙ୍କ ପାଇଁ ପ୍ରଚାର କରିଛନ୍ତି ।ଏ କ୍ଷେତ୍ରରେ ଘର ଘର ବୁଲି ପ୍ରାର୍ଥୀଙ୍କ ସହ ସାଂସଦ ଶ୍ରୀ ପାଣି ପ୍ରଚାର କରିବା ସହ ଏକ ଜନସଭା ରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତରେ ଦେଶ ସୁରକ୍ଷିତ, ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ ରେ ଆଗାମୀ ଦିନରେ ବିଜେପି ଦିଲ୍ଲୀ ରେ ସରକାର ଗଠନ କରିବା ସହ ବିକଶିତ ଦିଲ୍ଲୀ ସହ ବିକଶିତ ଭାରତ ର ସ୍ୱପ୍ନ ପୂରଣ ପାଇଁ ବିଜେପି କୁ ଭୋଟ ଦେବାକୁ ସେ ନିବେଦନ କରିଥିଲେ । ଉକ୍ତ ସଭାରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡା ମୋହନ ଯାଦବ ଙ୍କ ସମେତ ଉତ୍ତମ ନଗର ବିଜେପି ବିଧାୟକ ପ୍ରାର୍ଥୀ ପବନ ଶର୍ମା ଙ୍କ ସମେତ ବହୁ ଦଳୀୟ ନେତୃତ୍ୱ ଉପସ୍ଥିତ ଥିଲେ ।




# ପି.ବି.ସରକାରୀ ଉଚ୍ଚ ବିଦ୍ୟାଳୟର ୫୫ ତମ ବାର୍ଷିକ ଉତ୍ସବ



ଧାମନଗର,(ପି.ଏନ):ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ଅଧିନ ପଳିକିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ୫୫ ତମ ବାର୍ଷିକ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନ ୧୧ ଟା ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶିକ୍ଷକ ଅଶୋକ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅର୍ଥନୀତି ପ୍ରାଧ୍ୟାପକ ଅଜୟ କୁମାର ସେଠୀ ଯୋଗ ପିଲାମାନଙ୍କୁ ସମୟାନୁବର୍ତ୍ତୀତା, କର୍ତ୍ତବ୍ୟ ପରାୟଣ,ନମ୍ରତା ଭାବ ଏବଂ ପିତା ମାତା ଓ ଗୁରୁଜୀ ଗୁରୁମାଙ୍କୁ ସର୍ବଦା ସମ୍ମାନ ଦେଲେ ଭବିଷ୍ୟତ ଉଜ୍ଜ୍ୱଳ ମୟ ହେବ ବୋଲି ଶ୍ରୀ ସେଠୀ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ସ୍ୱତନ୍ତ୍ର ଅତିଥି ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ପ୍ରାଧ୍ୟାପକ ପାରେଶ୍ୱର ସାହୁ,ବରେଣ୍ୟ ଅତିଥି ଭାବେ ଧାମନଗର ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷା ତନବୀର ଆବିଦ,ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟସୁନ୍ଦର ପରିଡ଼ା, ଶିକ୍ଷା ବିତ୍ ଶିକ୍ଷକ ଲକ୍ଷ୍ମୀଧର ଦାଶ,ତ୍ରିଲୋଚନ ନାୟକ,ମଦନମୋହନ ସାମନ୍ତରାୟ ଯୋଗ ଦେଇ ଶିକ୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ।ସମାଜସେବୀ କପିଳେନ୍ଦ୍ର ବଳ,ସାମ୍ବାଦିକ ସୁଧାକର ଦାଶ,ସନ୍ତୋଷ କୁମାର ମହାପାତ୍ର, ୱାର୍ଡ ସଭ୍ୟ ଗଦାଧର ଖୁଣ୍ଟିଆ ପ୍ରମୁଖ ଅନ୍ୟ ତମ ଅତିଥି ଭାବେ ଯୋଗ ଦେଇଥିଲେ।ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟର କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପାତ୍ର ସହ ପୁରସ୍କାର ଦିଆଯାଇଥିଲା। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଓ ଶିକ୍ଷୟିତ୍ରୀ ଉର୍ମିଳା ଦାଶ ଏବଂ ଗୁଞ୍ଜରୀ ରଣା,ମଂଜୁଲତା ସାମଲ,ଅମିୟ ସାହୁ,ପ୍ରଦୀପ କୁମାର ମହାପାତ୍ର, ବିମଳ ଚନ୍ଦ୍ର ସାହୁ,ଲୋପାମୁଦ୍ରା ଦାସ,କୁରେଶା ଖାତୁନ,ଗୋବିନ୍ଦ ଚନ୍ଦ୍ର ବେହେରା,ସହଦେବ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ଶିକ୍ଷୟିତ୍ରୀ ବନ୍ଦିତା ସାହୁ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷୟିତ୍ରୀ ମଞ୍ଜୁଲତା ନାୟକ ଓ ଇତିଶ୍ରୀ ବୋଇତାଇ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସୁଲୋଚନା ପାଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୃତ ସୁକେଶ ମଣ୍ଡଳ ହତ୍ୟାକାରୀଙ୍କୁ ଗିରଫ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର

ପାରାଦୀପ,(ପି.ଏନ): ଗତ ଅଗଷ୍ଟ ମାସ ୧୬ ତାରିଖରେ ନିଖୋଜ ହେବାର ୪ ଦିନ ପରେ ମୃତ ଦେହ ଉଦ୍ଧାର ହୋଇଥିବା ପାରାଦୀପ ମଧୁବନସ୍ଥିତ ଜଗନ୍ନାଥ କଲୋନୀର ସୁନୀଲ ମଣ୍ଡଳଙ୍କ ପୁଅ ସୁକେଶ ମଣ୍ଡଳଙ୍କ ହତ୍ୟାକାରୀ ଆଜିବି ଖୁଲମଖୁଲା ଭାବେ ବୁଲୁଛନ୍ତି। ବାରମ୍ବାର ଦାବୀ କରିବା ସତ୍ତ୍ୱେ ଅଭିଯୁକ୍ତଙ୍କୁ ଗିରଫ କରାଯାଉନାହିଁ । ଜଗନ୍ନାଥ କଲୋନୀ ବସ୍ତିବାସିନ୍ଦା ମୃତ ସୁକେଶଙ୍କ ବାପା ସୁନୀଲ ମଣ୍ଡଳଙ୍କ ସହିତ ପାରଦୀପ ଥାନାକୁ ଆସି ନ୍ୟାୟ ମାଗୁଥିବା ବେଳେ ଅଭିଯୁକ୍ତକୁ ଗିରଫ କରୁନି ପୋଲିସ୍ । ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଜଗନ୍ନାଥ କଲୋନୀର ମାଆ ଶୀତଳା ବସ୍ତିକମିଟି ପକ୍ଷରୁ ଶତାଧିକ ପୁରୁଷ ଓ ମହିଳା ସୋମବାର ଦିନ ପାରାଦୀପ କଂଗ୍ରେସ୍ ନେତା ନିରଂଜନ ନାୟକଙ୍କ ସହିତ ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଏହି ଘଟଣାରେ ପଛରେ ଚେନ୍ନାଇ ରାଧା ଇଂଜିନିୟରିଙ୍ଗ କମ୍ପାନୀର ଆଂଚଳିକ ଅଧିକାରୀ ହୃଷିକେଶ ମଣ୍ଡଳଙ୍କ ପ୍ରଚ୍ଛନ୍ନ ହାତ ଥିବା ବସ୍ତିବାସିନ୍ଦାମାନେ ଦାବୀ କରୁଥିଲେବି ପୋଲିସ୍ ତାଙ୍କୁ ଗିରଫ କରୁନାହିଁ। ଏହି ମାମଲାରେ ମାନ୍ୟବର ଓଡିଶା ହାଇକୋର୍ଟ ଘଟଣାର ତୁରନ୍ତ ସଠିକ୍ ଭାବେ ଅନୁଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାସ ମାସ ବିତି ଯାଇଥିଲେ ବି ହେଲେ ତଦନ୍ତ କାହିଁକି ବାଟବଣା ହୋଇଗଲା ଭଳି ଲାଗୁଛି । ଘରର ଏକମାତ୍ର ପୁଅକୁ ହରାଇ ଭାଙ୍ଗି ପଡିଥିବା ପରିବାରକୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ଜଗନ୍ନାଥ କଲୋନୀର ମାଆ ଶୀତଲା ବସ୍ତିକମିଟି ।

# ଅଗ୍ନି ବିପନ୍ନ ପରିବାରଙ୍କୁ ଗ୍ରୀନ ପାରାଦୀପ ଟ୍ରଷ୍ଟର ସହାୟତା



ପାରାଦୀପ,(ପି.ଏନ): ଗତ ତିନିଦିନ ତଳେ ପାରାଦୀପ ବଡପଡ଼ିଆ ମାର୍କେଟ ଅଞ୍ଚଳରେ ଥିବା ବସ୍ତିରେ ଅଗ୍ନିକାଣ୍ଡ ଘଟି ଦୁଇଟି ଗରିବ ପରିବାରର ଘର ସମ୍ପୂର୍ଣ୍ଣ ପୋଡି ଘରର ସମସ୍ତ ଆସବାପତ୍ର ନଷ୍ଟ ହୋଇଯାଇଥିଲା । ତେବେ ଏହି ଅଗ୍ନିକାଣ୍ଡ ପରେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ଓ ପୌରାଧକ୍ଷ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରି ଆବଶ୍ୟକୀୟ ସହଯୋଗ କରିଥିଲେ । ତେବେ ପାରାଦୀପ ର ଅଗ୍ରଣୀ ପରିବେଷ ଧର୍ମୀ ସଂଗଠନ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ସଭାପତି ରାକେଶ କୁମାର ପଟ୍ଟନାୟକ ଙ୍କ ନେତୃତ୍ୱରେ ସଦସ୍ୟ ମାନେ ମଙ୍ଗଳବାର ଦିନ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ବନିତା ସାହୁ ଓ ସନ୍ତୋଷୀ ସେଠି ଦୁଇ ପରିବାରକୁ ପନ୍ଦର ଦିନ ପାଇଁ ଚାଉଳ, ଡାଲି, ତେଲ, ବିସ୍କୁଟ, ଅମୁଲ, ଚାହା ଓ ଅନ୍ୟାନ୍ୟ ସାମଗ୍ରୀ ସମେତ ୨ ହଜାର ଟଙ୍କା ର ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ତେବେ ତାଙ୍କ ଘର ନିର୍ମାଣ ଏବଂ ରୋଷେଇ ସରଞ୍ଜାମ ପ୍ରଦାନ କରିବାକୁ ଟ୍ରଷ୍ଟ ର ସଭାପତି ଏବଂ ସଦସ୍ୟ ମାନେ ପ୍ରତିଶୃତି ଦେଇଥିଲେ। ଏହି ଅବସରରେ ପାରାଦୀପ ପୋର୍ଟ ବଣିକ ସଂଘର କାର୍ଯ୍ୟକାରୀ ସଭାପତି ଗୋଲେଖ ସାହୁ, ଟ୍ରଷ୍ଟ ର ଉପଦେଷ୍ଟା ଶଶାଙ୍କ ଆଚାର୍ଯ୍ୟ, ରବୀନ୍ଦ୍ର ଜେନା, କାର୍ଯ୍ୟକର୍ତ୍ତା ସୁଧାଂଶୁ ନାୟକ, ପ୍ରୀତିରଞ୍ଜନ ମହାପାତ୍ର, ସନ୍ତୋଷ ଭାରତୀ, ତ୍ରିଲୋଚନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପୀଡିତ ପରିବାରକୁ ସହାୟତା ନିମନ୍ତେ ସହଯୋଗ କରିବେ ବୋଲି କହିଥିଲେ । ସେହିପରି ସିଟି ୟୁନିଭର୍ସ ସୋସିଆଲ ଟ୍ରଷ୍ଟ ପକ୍ଷରୁ ନାରୀ ନେତ୍ରୀ ମିନାକ୍ଷୀ ବେହେରା ଙ୍କ ନେତୃତ୍ୱରେ ପୀଡିତ ପରିବାରକୁ ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା ।

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray